

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



✦Vol - 22✦ Issue No:145✦19 September 2026 (Saturday)✦Rourkela ✦Rs.2.00 ✦Page -1 ✦୨୨ ବର୍ଷ ✦ସଂଖ୍ୟା:୧୪୫✦୧୯ ସେପ୍ଟେମ୍ବର ୨୦୨୬ (ଶନିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


## ଉତର ଆଣ୍ଡାମାନ ସାଗରକୁ ଘୂର୍ଣ୍ଣିବଳୟ, ଆଜି ଲଘୁଚାପ, ବାତ୍ୟା ସମ୍ଭାବନା !






ଭୁବନେଶ୍ୱର,୧୮/୯(ନି/ପ୍ର): ଓଡ଼ିଶାକୁ ମାଡ଼ ହୋଇପାରେ ବାତ୍ୟା। ମାତ୍ର ଚିତ୍ର ଏଯାଏଁ ଅସ୍ପଷ୍ଟ ରହିଛି ବୋଲି ଆକଳନ କରିଛନ୍ତି ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ । ସେ ଦର୍ଶାଇଛନ୍ତି, ସଦ୍ୟ ସାଟେଲାଇଟ୍ ଚିତ୍ରରେ ଉନ୍ନର ଆଣ୍ଡାମାନ ସାଗର ଓ ନିକଟବର୍ତୀ ଅଚଂଳରେ ବାଦଲ ଅଧିକ ଘନୀଭୂତ ହେଉଥିବା ଦେଖାଯାଉଛି । ଏହା ଉପର ବାୟୁମଣ୍ଡଳର ଘୂର୍ଣ୍ଣିବଳୟ ଏହି ଅଚଂଳକୁ ଆସୁଥିବାର ସଙ୍କେତ ଦେଉଛି । ୧୯ ସେପ୍ଟେମ୍ବର ବେଳକୁ ଏକ ଲଘୁଚାପ ସୃଷ୍ଟି ହୋଇ ପରେ ଆହୁରି ଘନୀଭୂତ ହୋଇପାରେ । ବିଶ୍ୱ ଓ ଭାରତୀୟ ପାଣିପାଗ ମଡେଲ୍‌ର ଆକଳନ ଅନୁସାରେ, ଲଘୁଚାପ ସୃଷ୍ଟି ହେବା ପରେ ଏହା ଧୀରେ ଧୀରେ ଶକ୍ତିଶାଳୀ ହୋଇପାରେ । ଅବପାତ ହେବାର ସମ୍ଭାବନା ବଢୁଛି ଏବଂ ପରେ ଗଭୀର ଅବପାତ ହେବାର ମଧ ସମ୍ଭାବନା ରହିଛି । ଆହୁରି ଶକ୍ତିଶାଳୀ ହୋଇ ବାତ୍ୟା ହେବାର ସମ୍ଭାବନାକୁ ଏବେ ବାଦ୍ ଦିଆଯାଇପାରୁ ନାହିଁ । କିନ୍ତୁ ଏଥିରେ ସମସ୍ତ ମଡେଲ୍ ଏପର୍ଯ୍ୟନ୍ତ ଏକମତ ହୋଇନାହାନ୍ତି । ପ୍ରଫେସର ପଶୁପାଳକଙ୍କ ଅନୁଧ୍ୟାନ କହୁଛି, ସଦ୍ୟ ରଉଗଡର/ରଚଟ଼ ଓ ଏରଋ/ଏରରଋ ଆକଳନରେ ପୂର୍ବ ତୁଳନାରେ ଗତିପଥ କିଛି ଅଧିକ ଉନ୍ନର ଆଡ଼କୁ ଯାଉଥିବା ସଙ୍କେତ ମିଳୁଛି । ଫଳରେ ଓଡ଼ିଶା–ପଶ୍ଚିମବଙ୍ଗ ଉପକୂଳ ଉପରେ ନଜର ବଢ଼ିଛି । ବିଭିନ୍ନ ମଡେଲ୍‌ର ଆକଳନ ମଧରେ ପାର୍ଥକ୍ୟ କମୁଛି, କିନ୍ତୁ କେଉଁ ସ୍ଥାନରେ ଉପକୂଳ ଅତିକ୍ରମ କରିବ ତାହା ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ । ଏହା ଗଭୀର ଅବପାତରେ ସୀମିତ ରହିବ କି ବାତ୍ୟାର ରୂପ ନେବ, ସେଥିରେ ମଧ ଅନିଶ୍ଚିତତା ରହିଛି । ୨୨ ସେପଟ୍ଟେମ୍ବରଠାରୁ ଓଡ଼ିଶାରେ ବର୍ଷା ବଢ଼ିପାରେ । ୨୩-୨୫ ସେପଟ୍ଟେମ୍ବର ମୁଖ୍ୟ ବର୍ଷା ସମୟ ହୋଇପାରେ । ଗତିପଥ ଉତର ଆଡ଼କୁ ରହିଲେ ଉପକୂଳ, ଉନ୍ନର ଉପକୂଳ ଓ ଏହାକୁ ଲାଗିଥିବା ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ଅଧିକ ବର୍ଷାର ସମ୍ଭାବନା ବଢ଼ିବ । ଗତି ଧୀର ହେଲେ ୨୫-୨୬ ସେପଟ୍ଟେମ୍ବର ପର୍ଯ୍ୟନ୍ତ ମଧ ପ୍ରଭାବ ରହିପାରେ । କେଉଁ ଜିଲ୍ଲାରେ କେତେ ବର୍ଷା ହେବ, ତାହା ଶେଷ ଗତିପଥ ଉପରେ ନିର୍ଭର କରିବ । ଗତିପଥ ଅଧିକ ଉତର ଆଡ଼କୁ ଯିବାର ସଙ୍କେତ ବଢ଼ିଛି ଏବଂ ମଡେଲ୍‌ଗୁଡ଼ିକ ମଧରେ ପାର୍ଥକ୍ୟ କମୁଛି । କିନ୍ତୁ ଉପକୂଳ ଅତିକ୍ରମ ସ୍ଥାନ ଓ ଶେଷ ତୀବ୍ରତା ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ ।


ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204,
Sec-16,Rourkela,
Mob:9692048008
Email: utkalsamachar@gmail.com


## ଅଷ୍ଟ୍ରେଲିଆରେ ଭାରତୀୟ ମହିଳା ଓ ପୁତ୍ରବଧୂଙ୍କର କାର ଦୁର୍ଘଟଣାରେ ମୃତ୍ୟୁ



ନୂଆଦିଲ୍ଲୀ,୧୮/୯: ଆନ୍ଧ୍ର ପ୍ରଦେଶର ବିଶାଖାପାଟଣାର ଦୁଇଜଣ ମହିଳାଙ୍କର ଅଷ୍ଟ୍ରେଲିଆର ମେଲବୋର୍ଣ୍ଣରେ କାର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଗୁରୁବାର ସେମାନେ ଯାତ୍ରା କରୁଥିବା ଟୟୋଟା ଗାଡ଼ି ସହିତ ଏକ ପୋର୍ସେ ଗାଡ଼ିର ଧକ୍କା ହେବା ପରେ ଘଟଣାସ୍ଥଳରେ ୬୭ ବର୍ଷୀୟା ରମା ଦେବୀ ଓ ୩୩ ବର୍ଷୀୟା ତାଙ୍କ ପୁତ୍ରବଧୂ ନେହା ବୋମାଲିଙ୍କର ମୃତ୍ୟୁ ଘଟିଛି। ରମା ଦେବୀ ତାଙ୍କ ସ୍ୱାମୀ ଜିଟି ପ୍ରସାଦଙ୍କ ସହିତ ତାଙ୍କ ପରିବାରକୁ ଭେଟିବାକୁ ଅଷ୍ଟ୍ରେଲିଆ ଯାଇଥିଲେ। ପ୍ରସାଦ ବିଶାଖାପାଟଣା ଜିଲ୍ଲା କ୍ରିକେଟ୍ ସଂଘ (ଭିଡିସିଏ)ର ପୂର୍ବତନ ଯୁଗ୍ମ ସଚିବ। ରମା ଦେବୀ, ନେହା ଓ ଜିଟି ପ୍ରସାଦ ଏକାସାଙ୍ଗରେ ଏକ ଟୟେଟୋ ଗାଡ଼ିରେ ଯାତ୍ରା କରୁଥିବାବେଳେ ପଏଟଂ କୁକର ପାମର୍ସ ରୋଡରେ ଦୁର୍ଘଟଣା ଘଟିଥିଲା। ସୂଚନା ଅନୁଯାୟୀ, ଦୁଇ ମହିଳାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ନିକଟସ୍ଥ ଲୋକମାନେ ସାହାଯ୍ୟ ପାଇଁ ଆସିଥିଲେ ମଧ ଦୁଇ ମହିଳାଙ୍କୁ ବଚାଂ ଯାଇପାରି ନଥିଲା। ପୋର୍ସେ ଗାଡ଼ିର ଡ୍ରାଇଭର ପଏଟଂ କୁକ୍‌ର ଜଣେ ୫୩ ବର୍ଷୀୟ ବ୍ୟକ୍ତି ମଧ ଦୁର୍ଘଟଣାରେ ଆହତ ହୋଇଛନ୍ତି। ଭିକ୍ଟୋରିଆ ପୁଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣାର ତଦନ୍ତ କରୁଛି। ଦୁଇ ମହିଳାଙ୍କର ପରଲୋକରେ ବିଶାଖାପାଟଣାସ୍ଥିତ ପରିବାର ଓ ସମ୍ପର୍କୀୟମାନଙ୍କୁ ମର୍ମାହତ କରିଦେଇଛି। ମେଲବୋର୍ଣ୍ଣର ତେଲୁଗୁ ସମ୍ପ୍ରଦାୟ ସଂଗଠନଗୁଡ଼ିକ ମୃତ ଶରୀରକୁ ଭାରତ ଫେରାଇ ଆଣିବା ପାଇଁ ପରିବାରକୁ ଔପଚାରିକତାରେ ସହାୟତା କରୁଛନ୍ତି। ରମା ଦେବୀଙ୍କ ପୁଅ ଓ ନେହାଙ୍କ ସ୍ୱାମୀ ବରୁଣ ଚନ୍ଦ୍ର ଗୁନ୍ନା ମୃତଦେହ ଭାରତ ଫେରାଇ ଆଣିବା ପାଇଁ ଏକ ଗୋଫଣ୍ଡମି ଅଭିଯାନ ଆରମ୍ଭ କରିଛନ୍ତି।

## ଲୋକସେବା ଭବନ 'ତମାଖୁମୁକ୍ତ ଅଚଂଳ' ଘୋଷିତ




ଭୁବନେଶ୍ୱର,୧୮/୯(ନି/ପ୍ର): ଲୋକସେବା ଭବନ ପରିସରକୁ 'ତମାଖୁମୁକ୍ତ ଅଚଂଳ' ଭାବେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି ହୋଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, 'ନିଶାମୁକ୍ତ ଭାରତ ଅଭିଯାନ'ର ଲକ୍ଷ୍ୟକୁ ସୁଦୃଢ଼ କରିବା ସହ ଲୋକସେବା ଭବନକୁ ଏକ ସ୍ୱଚ୍ଛ, ସୁସ୍ଥ ଓ ତମାଖୁମୁକ୍ତ କାର୍ଯ୍ୟସ୍ଥଳ ଭାବେ ଗଢ଼ିତୋଳିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ତମାଖୁ ସେବନ ବିରୋଧୀ ଅଭିଯାନକୁ ଆହୁରି ସୁଦୃଢ଼ କରାଯାଉଛି। ଆଗାମୀ ପିଢ଼ିକୁ ଏକ ସୁସ୍ଥ ଜୀବନ ଓ ସଠିକ୍ ବାର୍ତା ଦେବା ପାଇଁ ସରକାର ସର୍ବଦା ତତ୍ପର ଅଛନ୍ତି। ତମାଖୁ ବ୍ୟବହାରରୁ ସମ୍ପୂର୍ଣ୍ଣ ବିରତି ପାଇଁ ଆଗାମୀ ଦିନରେ ମଧ ଆମର ପ୍ରୟାସ ଜାରି ରହିବ। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଲୋକସେବା ଭବନ ପରିସରରେ ଧୂମପାନ, ତମାଖୁ ସେବନ ଏବଂ ତମାଖୁ ଛେପ ପକାଇବା ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଏହି ନିୟମର ଉଲ୍ଲଙ୍ଘନକୁ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ଭାବେ ବିବେଚନା କରାଯିବ।

## ଜିଲ୍ଲାପାଳଙ୍କ ସହ ବିଭିନ୍ନ ଯୋଜନାର ସମୀକ୍ଷା କଲେ ମୁଖ୍ୟସଚିବ



ଭୂବନେଶ୍ୱର,୧୮/୯(ନି/ପ୍ର): ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କିପରି ଜିଲ୍ଲାସ୍ତରରେ କାର୍ଯ୍ୟକାରୀ ହେଉଛି, ବୃହତ ପ୍ରକଳ୍ପର ଅଗ୍ରଗତି, ଜମି ଅଧିଗ୍ରହଣ ସମ୍ବନ୍ଧୀୟ ସମସ୍ୟା, ଅନୁମୋଦନ, କାର୍ଯ୍ୟାନ୍ୱୟନରେ ରହୁଥିବା ସମସ୍ୟା ଏବଂ ଆବଶ୍ୟକ ଜିଲ୍ଲାସ୍ତରୀୟ କାର୍ଯ୍ୟାନୁଷ୍ଠାନ ନେଇ ମୁଖ୍ୟ ସଚିବ ଅନୁ ଗର୍ଗ ଆଜି ୩୦ଟି ଜିଲ୍ଲାର ଜିଲ୍ଲାପାଳଙ୍କ ଠାରୁ ରିପୋର୍ଟ ନେଇଛନ୍ତି। କେଉଁ ଜିଲ୍ଲାରେ ରାଜ୍ୟ ସରକାରଙ୍କ ଫ୍ଲାଗସିପ୍ କାର୍ଯ୍ୟକ୍ରମଗୁଡ଼ିକର ସ୍ଥିତି କ'ଣ ଅଛି, ତା'ର ସମୀକ୍ଷା କରିଛନ୍ତି। ଆଜି ଲୋକସେବା ଭବନରେ ମୁଖ୍ୟ ସଚିବ ଶ୍ରୀମତୀ ଗର୍ଗଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଗୃହ ଓ ନଗର ଉନ୍ନୟନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା, ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗର ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜଳଯୋଗାଣ ଓ ବିଭିନ୍ନ ପ୍ରକଳ୍ପଗୁଡ଼ିକରେ ଜମି ସମ୍ବନ୍ଧୀୟ ସମସ୍ୟା ଦୂର କରିବା ଉପରେ ଆଲୋଚନା ହୋଇଥିଲା। ଖୋର୍ଦ୍ଧା, ସମ୍ବଲପୁର ଓ କଟକ ଜିଲ୍ଲାର ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଜମି ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳମାନଙ୍କ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶ୍ରମ ଓ ଇଏସ୍‌ଆଇ ବିଭାଗ ପକ୍ଷରୁ ୧୦୦ ଶଯ୍ୟା ବିଶିଷ୍ଟ ଇଏସ୍‌ଆଇ ହସ୍ପିଟାଲ୍ ପାଇଁ ଜମିର ସୁବ୍ୟବସ୍ଥା, ଶିଶୁ ଶ୍ରମ ନିରାକରଣ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ ଓ ମକ୍ ଡ୍ରିଲ୍ ଉପରେ ଆଲୋଚନା ହୋଇଥିଲା। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପୋଷଣ ମାସ-୨୦୨୬, 'ସୁପୋଷିତ ଓଡ଼ିଶା' ମିସନ, ଡିଜିଟାଲ୍ ନିରୀକ୍ଷଣ ଫର୍ମ ଆଦି ବିଭିନ୍ନ ପ୍ରସଙ୍ଗ ସମୀକ୍ଷା କରାଯାଇଥିଲା।

## ଜାପାନରେ ନିଯୁକ୍ତ ହେଲେ ଭାଲୁ ମନ୍ତ୍ରୀ

### କ୍ୟାବିନେଟ ପୁନର୍ଗଠନ ସମୟରେ ଖୋଲିଲା ନୂଆ ମନ୍ତ୍ରଣାଳୟ...



ନୂଆଦିଲ୍ଲୀ,୧୮/୯: ଜାପାନରେ ଭାଲୁ ଆତଙ୍କକୁ ଦୃଷ୍ଟିରେ ରଖି, ସାନା ତାକାଏଚି ସରକାର ଏକ ପୃଥକ ମନ୍ତ୍ରଣାଳୟ ଗଠନ କରିବାକୁ ନିଷ୍ପତି ନେଇଛନ୍ତି। ଏହି ମନ୍ତ୍ରଣାଳୟର ମୁଖ୍ୟଙ୍କୁ କ୍ୟାବିନେଟ ପଦବୀ ଦିଆଯିବ। ଏହି ମନ୍ତ୍ରଣାଳୟର କାର୍ଯ୍ୟ ଲୋକ ମାନଙ୍କୁ ଭାଲୁ ଆକ୍ରମଣରୁ ରକ୍ଷା କରିବା ହେବ। ଆଗାମୀ ଦିନରେ ଭାଲୁ ନିୟନ୍ତ୍ରଣ ପାଇଁ ମନ୍ତ୍ରଣାଳୟ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିବ। ଗୁରୁବାର କ୍ୟାବିନେଟ ପୁନର୍ଗଠନ ସମୟରେ ଏହି ନିଷ୍ପତି ନିଆଯାଇଛି। ବ୍ଲୁମବର୍ଗ ଅନୁଯାୟୀ, ଜାପାନ ଭାଲୁ ଆକ୍ରମଣରେ ଗଭୀର ଭାବରେ ଅସ୍ତବ୍ୟସ୍ତ। ଲୋକମାନଙ୍କ ଠାରୁ ନିରନ୍ତର ଅଭିଯୋଗ ଆସୁଛି। ଏବେ, ସରକାର ସେମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଏକ ପୃଥକ ମନ୍ତ୍ରଣାଳୟ ସୃଷ୍ଟି କରିବାକୁ ନିଷ୍ପତି ନେଇଛନ୍ତି। ମନ୍ତ୍ରିମଣ୍ଡଳ ଅଦଳବଦଳରେ, ଜାପାନ ସରକାର ଶାସକ ଦଳର ସାଂସଦ ହିରୋୟୋଶି ସାସାଗାୱାଙ୍କୁ ଭାଲୁ ନିୟନ୍ତ୍ରଣ ବିଭାଗର ନୂତନ ମନ୍ତ୍ରୀ ଭାବରେ ନିଯୁକ୍ତ କରିଛନ୍ତି। ତାଙ୍କୁ ପରିବେଶ ମନ୍ତ୍ରଣାଳୟର ଦାୟିତ୍ୱ ମଧ ଦିଆଯାଇଛି। ସେ ଜରୁରୀକାଳୀନ ପରମାଣୁ ବିଭାଗର ମଧ ତଦାରଖ କରିବେ। ନୂତନ ଅଦଳବଦଳ ଅର୍ଥ, ପ୍ରତିରକ୍ଷା, ବାଣିଜ୍ୟ ଏବଂ ବୈଦେଶିକ ମନ୍ତ୍ରୀଙ୍କ ଭୂମିକାରେ କୌଣସି ପରିବର୍ତ୍ତନ ଛାଡ଼ି ନାହିଁ। ତାକାଇଚି କୁହନ୍ତି ଯେ ଏହା ଏକ କ୍ୟାବିନେଟ ପୁନର୍ଗଠନ, କିଛି ନୂତନ ଯୋଗ ସହିତ। ରିପୋର୍ଟ ଅନୁସାରେ, ଚଳିତ ବର୍ଷ ଏପର୍ଯ୍ୟନ୍ତ ଜାପାନରେ ୫୦ ହଜାରରୁ ଅଧିକ ଭାଲୁ ଦେଖାଯାଇଛି। ଭାଲୁ ଆକ୍ରମଣରେ ପ୍ରାୟ ୨୫୦ ଜଣ ଜାପାନୀ ନାଗରିକ ଆହତ ହୋଇଛନ୍ତି ଏବଂ ୧୩ ଜଣ ପ୍ରାଣ ହରାଇଛନ୍ତି। ୨୦୨୫ ମସିହାରେ, ଭାଲୁ ଆକ୍ରମଣରେ ତିନି ଜଣଙ୍କର ମୃତ୍ୟୁ ହୋଇଛି। ଜାପାନ ସରକାର ବିଶ୍ୱାସ କରନ୍ତି ଯେ ଦୁଇଟି କାରଣ ଯୋଗୁଁ ଭାଲୁ ସଂଖ୍ୟା ବୃଦ୍ଧି ପାଉଛି ।

## ଆସନ୍ତା ସପ୍ତାହରେ ଜିନ୍‌ପିଙ୍ଗଙ୍କ ୱାଶିଂଟନ ଗସ୍ତ



ୱାଶିଂଟନ,୧୮/୯: ଆସନ୍ତା ୨୪ ତାରିଖରେ ଚୀନ୍ ରାଷ୍ଟ୍ରପତି ସି. ଜିନପିଙ୍ଗ ଆମେରିକା ଗସ୍ତରେ ଯିବେ । ୱାଶିଂଟନସ୍ଥିତ ହ୍ୱାଇଟ୍ ହାଉସ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ତାଙ୍କର ଦ୍ୱିପାକ୍ଷିକ ବୈଠକ ହେବ । ଉଭୟ ନେତାଙ୍କ ମଧରେ ବାଣିଜ୍ୟ, ନିବେଶ ଓ ଆର୍ଥିକ କାରବାର ସହ ତାଇୱାନ ପ୍ରସଙ୍ଗ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି । ଯାହାକୁ ନେଇ ତାଇୱାନ ସମେତ ଏସିଆରେ ଥିବା ଆମେରିକାର ସହଯୋଗୀ ଦେଶମାନଙ୍କର ଚିନ୍ତା ବଢ଼ିଯାଇଛି। ଗତ ମେ'ରେ ଟ୍ରମ୍ପ ତାଇୱାନକୁ ଅସ୍ତ୍ରଶସ୍ତ୍ର ବିକ୍ରି କରିବାକୁ ଚୀନ୍ ସହ ବୁଝାମଣାର ମୂଳଚାଲ ଜରିଆ ବୋଲି କହିଥିଲେ । ଏବେ ଜିନପିଙ୍ଗ ପୁଣି ଟ୍ରମ୍ପଙ୍କ ସାମ୍ନାରେ ତାଇୱାନ ପ୍ରସଙ୍ଗ ଉଠାଇପାରନ୍ତି । ପୂର୍ବରୁ ତାଇୱାନକୁ ଆମେରିକା ଅସ୍ତ୍ରଶସ୍ତ୍ର ଯୋଗାଉଥିଲା । କାରଣ ତାଇୱାନ ନିଜର ସୁରକ୍ଷା ନିଜେ କରିପାରିବ । କିନ୍ତୁ ଆମେରିକା ସ୍ପଷ୍ଟ କରିନଥିଲା କି ତାଇୱାନ ଉପରେ ଯଦି ଚୀନ ଆକ୍ରମଣ କରିବ ତେବେ ଏହା ଚୀନ୍ ବିରୋଧରେ ଯୁଦ୍ଧକୁ ଓହ୍ଲାଇବ କି ନାହିଁ । ଅନ୍ୟପକ୍ଷରେ ଟ୍ରମ୍ପ କହୁଛନ୍ତି କି ସେ କ୍ଷମତାରେ ଥିବା ପର୍ଯ୍ୟନ୍ତ ତାଇୱାନ ଉପରେ ଚୀନ ଆକ୍ରମଣ କରିବ ନାହିଁ ବୋଲି ଜିନପିଙ୍ଗ ପ୍ରତିଶ୍ରୁତି ଦେଇଛନ୍ତି । ଏହି କାରଣରୁ ତାଇୱାନକୁ ନେଇ ଆମେରିକାର ନୀତି ଅସ୍ପଷ୍ଟ ରହିଛି ।

## ପାକିସ୍ତାନରେ ବଡ ବିସ୍ଫୋରଣ ; ୧୫ ମୃତ

ଇସଲାମାବାଦ,୧୮/୯: ପାକିସ୍ତାନୀରୁ ଆସିଛି ବଡ ଖବର। ଏଠାରେ ଏକ ବଡ ଧରଣର ବିସ୍ଫୋରଣ ଘଟିଛି। ଖାଇବର ପଖତୁନଖ୍ୱାରୁ ଏହି ଖବର ଆସିଛି। ଶୁକ୍ରବାର କୋହାଟ ଜିଲ୍ଲାର ପୁଲିସ ଲାଇନ ନିକଟରେ ଲୋକମାନେ ପ୍ରାର୍ଥନା କରୁଥିବା ସମୟରେ ଏକ ବଡ଼ ବିସ୍ଫୋରଣ ଘଟିଥିଲା। ଏହି ଭୟଙ୍କର ବିସ୍ଫୋରଣରେ ଏପର୍ଯ୍ୟନ୍ତ ୧୫ ଜଣଙ୍କର ମୃତ୍ୟୁ ହୋଇସାରିଛି, ଅନେକ ଲୋକେ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି।

### ସୂଚନା

ବିଶ୍ୱକର୍ମା ପୂଜା ପାଇଁ "ଉତ୍କଳ ସମାଚାର କାର୍ଯ୍ୟାଳୟ ସେପ୍ଟେମ୍ବର ୧୭ ବନ୍ଦ ଥିଲା।

ସଂପାଦକ

## ଆମେରିକାର ୧୦୦ ପ୍ରତିଶତ ଶୁଳ୍କକୁ ନେଇ ଚିଡିଲା ଚୀନ୍ , ଟ୍ରମ୍ପଙ୍କୁ ଦେଲା ଅଲ୍ଟିମେଟମ୍...



ନୂଆଦିଲ୍ଲୀ,୧୮/୯: ଆମେରିକା କଂଗ୍ରେସ ଏକ ଆଇନ ପାସ୍ କରିଛି ଯାହା ରୁଷରୁ ତେଲ ଏବଂ ଗ୍ୟାସ୍ କିଣୁଥିବା ପ୍ରମୁଖ ଦେଶ ଗୁଡ଼ିକର ସାମଗ୍ରୀ ଉପରେ ୧୦୦% ପର୍ଯ୍ୟନ୍ତ ଶୁଳ୍କ ଲଗାଇ ପାରିବ। ରୁଷ ତେଲର ସବୁଠାରୁ ବଡ଼ କ୍ରେତା ଭାବରେ ଚୀନ୍ ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇଛି। ଚୀନ୍ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ କୌଣସି ଦେଶ ସହିତ ବେଜିଂର ଆର୍ଥିକ ଏବଂ ବାଣିଜ୍ୟିକ ସହଯୋଗ କୌଣସି ତୃତୀୟ ପକ୍ଷକୁ ଟାର୍ଗେଟ କରେ ନାହିଁ। ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଗୁଓ ଜିଆକୁନ୍ କହିଛନ୍ତି,'ଯେକୌଣସି ଦେଶ ସହିତ ଚୀନ୍‌ର ବାଣିଜ୍ୟିକ ସମ୍ପର୍କ ତୃତୀୟ ପକ୍ଷ ଚାପରୁ ମୁକ୍ତ ହେବା ଉଚିତ। ଚୀନ୍ ଦୀର୍ଘ-ହାତ କ୍ଷେତ୍ରାଧିକାର ଏବଂ ଏକପାଖିଆ କଟକଣାକୁ ବିରୋଧ କରେ ଯାହାର ଆନ୍ତର୍ଜାତୀୟ ଆଇନରେ କୌଣସି ଆଧାର ନାହିଁ ଏବଂ ଜାତିସଂଘ ସୁରକ୍ଷା ପରିଷଦର କର୍ତୃତ୍ୱ ନାହିଁ।' ଆମେରିକି କଂଗ୍ରେସରେ ପାରିତ ହୋଇଥିବା ବିଲ୍ଟି ଏବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିକଟକୁ ଯିବ, ଯିଏ ଏହାକୁ ଆଇନରେ ସ୍ୱାକ୍ଷର କରିବେ ବୋଲି ଆଶା କରାଯାଉଛି। ଆମେରିକାର ପ୍ରତିନିଧି ସଭା ଲିଣ୍ଡସେ ଓ କୁ ମଞ୍ଜୁର କରିଛି। ଗୃହ ୨୬୨ ରୁ ୧୫୯ ଭୋଟରେ ଗ୍ରାହାମ ସୀଙ୍କସନ୍ ରୁଷିଆ ଏବଂ ଇରାନ ଆଇନ ୨୦୨୬ କୁ ମଞ୍ଜୁର କରିଛି। ପୂର୍ବରୁ, ୭ ଅଗଷ୍ଟରେ, ସିନେଟ୍ ମଧ ଏହାକୁ ୮୬ ରୁ ୧୧ ଭୋଟରେ ଅନୁମୋଦନ କରିଛି। ଟ୍ରମ୍ପଙ୍କ ପରାମର୍ଶଦାତା ମାନେ ମଧ ଏହି ବିଲ୍ କୁ ଅନୁମୋଦନ କରିଛନ୍ତି। ଏହି ଆଇନର ଲକ୍ଷ୍ୟ ହେଉଛି ୟୁକ୍ରେନ ବିରୁଦ୍ଧରେ ଯୁଦ୍ଧ ଜାରି ରଖିବା ପାଇଁ ରୁଷିଆ ପାଉଥିବା ଆର୍ଥିକ ସମ୍ବଳକୁ ହ୍ରାସ କରିବା। ଏହି ବିଲ୍ ରୁଷିଆ ଅଧିକାରୀ, ବ୍ୟାଙ୍କ, ଶକ୍ତି କ୍ଷେତ୍ର ସଂସ୍ଥା ଏବଂ ରୁଷିଆ ସାମରିକ କାର୍ଯ୍ୟକୁ ସମର୍ଥନ କରୁଥିବା ବିଦେଶୀ ସଂସ୍ଥା ଗୁଡ଼ିକୁ ଟାର୍ଗେଟ କରେ। ହାଉସ ୱେଜ୍ ଆଣ୍ଡ ମିନ୍ସ କମିଟି ଅନୁଯାୟୀ, ଏହି ବିଲ୍ ରୁଷିଆ ଉତ୍ପାଦ ଉପରେ ୫୦୦% ପର୍ଯ୍ୟନ୍ତ ଶୁଳ୍କ ବ୍ୟବସ୍ଥା କରେ। ଏହା ସହିତ, ରୁଷିଆରୁ ତେଲ ଏବଂ ଗ୍ୟାସ କ୍ରୟ କରୁଥିବା ଦେଶ ଗୁଡ଼ିକରୁ ଆସୁଥିବା ସାମଗ୍ରୀ ଉପରେ ୧୦୦% ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରାଯାଇପାରିବ। ଏହି ବ୍ୟବସ୍ଥା ଗୁଡ଼ିକ ପ୍ରମୁଖ ଦେଶଗୁଡ଼ିକ ଉପରେ ପ୍ରଯୁଜ୍ୟ ହେବ ଯେଉଁମାନେ ରୁଷିଆରୁ ବହୁ ପରିମାଣରେ ଶକ୍ତି ଆମଦାନୀ କରନ୍ତି କିମ୍ବା ରୁଷିଆ ଉପରେ ଲାଗୁ ହୋଇଥିବା ତେଲ କଟକଣାକୁ ଏଡ଼ାଇବାରେ ସାହାଯ୍ୟ କରନ୍ତି। ଆମେରିକାର ବାଣିଜ୍ୟ ପ୍ରତିନିଧି ପ୍ରତି ୧୮୦ ଦିନରେ ଏହାର ସମୀକ୍ଷା କରିବେ ଏବଂ ଆବଶ୍ୟକ ହେଲେ ଅତିରିକ୍ତ ଦେଶଗୁଡ଼ିକୁ ତାଲିକାରେ ଯୋଡା ଯାଇପାରେ।

## ଚଳିତ ବର୍ଷ ଶେଷ ସୁଦ୍ଧା ବାୟୁସେନାକୁ ମିଳିବ ''ଏଲସିଏ ମାର୍କ-୧ଏ" ଲଢୁଆ ବିମାନ



ନୂଆଦିଲ୍ଲୀ,୧୮/୯: ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହାଲୁକା ଯୁଦ୍ଧବିମାନ ''ଏଲସିଏ ମାର୍କ-୧ଏ''ର ହସ୍ତାନ୍ତର ପ୍ରକ୍ରିୟା ଚଳିତ ବର୍ଷ ଶେଷ ସୁଦ୍ଧା ଆରମ୍ଭ ହେବ। ହିନ୍ଦୁସ୍ତାନ ଏରୋନୋଟିକ୍ସ ଲିମିଟେଡ୍ (ହାଲ୍)ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ରବି କେ. ସୂଚନା ଦେଇଛନ୍ତି ଯେ, ବିମାନର ରାଡାର୍ ଏବଂ ଅସ୍ତ୍ରଶସ୍ତ୍ର ସଂଯୋଗ ସମ୍ପର୍କିତ ଶେଷ ପର୍ଯ୍ୟାୟ ପରୀକ୍ଷଣ ଚାଲିଛି, ଯାହା ମାସକ ମଧରେ ଶେଷ ହେବ। ଭାରତୀୟ ବାୟୁସେନାର ଯୁଦ୍ଧବିମାନ ସ୍କ୍ୱାଡ୍ରନ୍ ସଂଖ୍ୟା ହ୍ରାସ ପାଉଥିବା ବେଳେ ହାଲ୍ କୁ ମୋଟ ୧.୧ ଲକ୍ଷ କୋଟି ଟଙ୍କାର ୧୮୦ଟି ''ମାର୍କ-୧ଏ'' ଯୁଦ୍ଧବିମାନ ପାଇଁ ଦୁଇଟି ଅର୍ଡର ମିଳିଛି। ୨୦୨୬-୨୭ ଆର୍ଥିକ ବର୍ଷରେ ବାୟୁସେନାକୁ ୧୦ଟି ଯୁଦ୍ଧବିମାନ ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି, ଯେଉଁଥିପାଇଁ ଆମେରିକାର ''ଜିଇ ଏରୋସ୍ପେସ୍''ରୁ ୧୦ଟି ଇଞ୍ଜିନ୍ ମିଳିସାରିଛି। ପୂର୍ବରୁ ଆମେରିକାରୁ ଇଞ୍ଜିନ୍ ଯୋଗାଣରେ ବିଳମ୍ବ ହେତୁ ମାର୍ଚ୍ଚ ୨୦୨୪ ସୁଦ୍ଧା ମିଳିବାକୁ ଥିବା ପ୍ରଥମ ବିମାନ ହସ୍ତାନ୍ତର ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିଲା। ତେବେ ବାର୍ଷିକ ୨୪ଟି ବିମାନ ନିର୍ମାଣ କରିବାର କ୍ଷମତା ଥିବାରୁ ଆଗାମୀ ୩ ରୁ ୪ ବର୍ଷ ମଧରେ ସମସ୍ତ ବିମାନ ଯୋଗାଇ ଦିଆଯିବ। ୨୦୨୫ ଅର୍ଡର ଅଧୀନରେ ନିର୍ମିତ ହେବାକୁ ଥିବା ୯୭ଟି ବିମାନରେ ସ୍ୱଦେଶୀ ଆଡଭାନ୍ସଡ୍ ରାଡାର୍ ଏବଂ ''ସ୍ୱୟଂ ରକ୍ଷା କବଚ'' ଇଲେକ୍ଟ୍ରୋନିକ୍ ୱାରଫେୟାର୍ ସିଷ୍ଟମ୍ ବ୍ୟବହାର କରାଯିବ। ଅପରପକ୍ଷରେ, ଅଧିକ ଆଧୁନିକ ''ଏଲସିଏ ମାର୍କ-୨'' ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ମଧ ଆଗେଇ ଚାଲିଛି, ଯାହାର ପ୍ରଥମ ପରୀକ୍ଷାମୂଳକ ଉଡ଼ାଣ ୨୦୨୭ ଶେଷ ସୁଦ୍ଧା କରାଯିବାକୁ ଲକ୍ଷ୍ୟ ରଖାଯାଇଛି।



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

# କାନୁପୁର ପ୍ରକଳ୍ପର କରୁଣ ଚିତ୍ର :

## ବିସ୍ଥାପିତ ହୋଇ ଲୁଣି ସାହିରେ 'ଯମଯନ୍ତ୍ରଣା' ଭୋଗୁଛନ୍ତି ୪୦ ପରିବାର, ମୌଳିକ ସୁବିଧା ପାଲଟିଛି ସାତସପନ

ଚମ୍ପୁଆ, ୧୮/୯(ନି/ପ୍ର): କେନ୍ଦୁଝର ଜିଲ୍ଲାର ବହୁ ପ୍ରତିକ୍ଷିତ କାନୁପୁର ବୃହତ୍ ଜଳସେଚନ ପ୍ରକଳ୍ପ ପାଇଁ ନିଜର ଭିଟାମାଟି ହରାଇଥିବା ବିସ୍ଥାପିତମାନେ ଏବେ ଅତି ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି । ପ୍ରକଳ୍ପ ଯୋଗୁଁ ଚମକପୁର ଗ୍ରାମର ୪୦ରୁ ଉର୍ଦ୍ଧ୍ୱ ପରିବାର ପ୍ରଭାବିତ ହୋଇ ନାରଦପୁରସ୍ଥିତ ଲୁଣି ସାହିରେ ନିଜସ୍ୱ ଖର୍ଚ୍ଚରେ ଘରଡ଼ିହ କ୍ରୟ କରି ବସବାସ କରୁଛନ୍ତି । ତେବେ ବସତି ସ୍ଥାପନର ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ଏହି ସାହିରେ ସର୍ବନିମ୍ନ ମୌଳିକ ସୁବିଧାର ଘୋର ଅଭାବ ଦେଖାଦେଇଛି । ଯାହାକୁ ନେଇ ସାହିବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, କାନୁପୁର ପ୍ରକଳ୍ପ ଜରିଆରେ ଏଠାରେ ଏକ ବଡ଼ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ କରାଯାଇଛି । କିନ୍ତୁ ପ୍ରଶାସନିକ ଅବହେଳା ଯୋଗୁଁ ଏହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରି ନାହିଁ । ଫଳରେ ସାହିବାସୀଙ୍କୁ ନିୟମିତ ଭାବେ ପାନୀୟ ଜଳ ମିଳିପାରୁ ନାହିଁ । ଜଳକଷ୍ଟ ସାଙ୍ଗକୁ ଯାତାୟାତ ସମସ୍ୟା ସ୍ଥିତିକୁ ଅଧିକ ଜଟିଳ କରିଛି । ଲୁଣି ସାହିରୁ ଗ୍ରାମ୍ୟ ମୁଖ୍ୟ ରାସ୍ତାକୁ କୌଣସି ସ୍ଥାୟୀ ପକ୍କା ରାସ୍ତା ନଥିବାରୁ ବିଶେଷ କରି ବର୍ଷାଦିନେ ଏହି ଅଂଚଳ କାଦୁଅରେ ପଚପଚ ହେଉଛି । ଏହା ଯୋଗୁଁ ସ୍କୁଲ ଯାଉଥିବା ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା ଏବଂ ଜରୁରୀକାଳୀନ ଚିକିତ୍ସା ଆବଶ୍ୟକ କରୁଥିବା ରୋଗୀମାନେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି । ଅଭିଯୋଗ ମୁତାବକ, ସାହିରେ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ନଥିବାରୁ ସଞ୍ଜ ନଇଁଲେ ସାରା ଅଂଚଳ ଅନ୍ଧାରରେ ବୁଡ଼ି ରହୁଛି । ଫଳରେ ରାତ୍ରିକାଳୀନ ଯାତାୟାତ ସମୟରେ ବିପଦ ଆଶଙ୍କା ଲାଗି ରହୁଛି । ଏହା ସହିତ ସାହିରେ ପର୍ଯ୍ୟାପ୍ତ ଶୌଚାଳୟ ବ୍ୟବସ୍ଥା ନଥିବାରୁ ସ୍ୱଚ୍ଛତା ସମ୍ବନ୍ଧୀୟ ବଡ଼ ସମସ୍ୟା ସୃଷ୍ଟି ହୋଇଛି, ଯାହା ମହିଳା ଓ ଶିଶୁଙ୍କ ପାଇଁ ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜାଉଛି । ନିଜର ହସଖୁସିର ଭିଟାମାଟିକୁ ବିକାଶ ନାଁରେ ତ୍ୟାଗ କରିଥିବା ଏହି ବିସ୍ଥାପିତ ପରିବାରଗୁଡ଼ିକ ଏବେ ପ୍ରଶାସନର ଦେଖାଶୁଣା ଅଭାବରୁ ଅସହାୟ ଅନୁଭବ କରୁଛନ୍ତି । ତୁରନ୍ତ ଏହି ଅଂଚଳର ଓଭରହେଡ୍ ପାଣି ଟାଙ୍କିକୁ କାର୍ଯ୍ୟକ୍ଷମ କରିବା ସହ ସ୍ଥାୟୀ ରାସ୍ତା ନିର୍ମାଣ, ଷ୍ଟ୍ରିଟ୍ ଲାଇଟ୍ ଏବଂ ପର୍ଯ୍ୟାପ୍ତ ଶୌଚାଳୟର ସୁବିଧା ଯୋଗାଇ ଦେବାକୁ ଲୁଣି ସାହିବାସୀ ଦୃଢ଼ ଦାବି କରିଛନ୍ତି ।

## ଜଙ୍ଗଲରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଚମ୍ପୁଆ, ୧୮/୯(ନି/ପ୍ର): ଚମ୍ପୁଆ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମ ନିକଟସ୍ଥ ଜଙ୍ଗଲରୁ ମଙ୍ଗଳବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ମୃତ ମହିଳା ଜଣକ ହେଲେ ଇନ୍ଦ୍ରପ୍ରସ୍ଥ ଗ୍ରାମର ମାଧବ ମହାନ୍ତଙ୍କ ପତ୍ନୀ ରଶ୍ମିତା ମହାନ୍ତ । ସୂଚନା ଅନୁଯାୟୀ, ସ୍ୱାମୀଙ୍କ ସହ ପାରିବାରିକ ମନୋମାଳିନ୍ୟ ଯୋଗୁଁ ରଶ୍ମିତା ଦୀର୍ଘ ଦୁଇ ବର୍ଷ ହେବ ସ୍ୱାମୀଙ୍କୁ ଛାଡ଼ି ବାପଘର ରାମଚନ୍ଦ୍ରପୁରରେ ରହି ଆସୁଥିଲେ । ତାଙ୍କର ଦୁଇ ସନ୍ତାନ ବାହାରେ ରହୁଥିବା ଜଣାପଡ଼ିଛି । ତେବେ ଗତ ଦୁଇଦିନ ପୂର୍ବେ ସେ ହଠାତ୍ ବାପଘରୁ କେଉଁଆଡ଼େ ଚାଲିଯାଇଥିଲେ । ଆଜି ସକାଳେ ସ୍ଥାନୀୟ ଲୋକେ ଗ୍ରାମ ନିକଟସ୍ଥ ଜଙ୍ଗଲର ଏକ ଗଛରେ ତାଙ୍କ ଶବ ଝୁଲୁଥିବା ଦେଖିବାକୁ ପାଇଥିଲେ ।

## ଦୁର୍ବଳ ହେଉଛି ବିଜେଡି ସଂଗଠନ, ବଢୁଛି ବିଜେପି ଲୋକ ପ୍ରିୟତା

ଘଟଗାଁ, ୧୮/୯(ନି/ପ୍ର): ଦୁର୍ବଳ ହେଉଛି ବିଜେଡି ସଂଗଠନ ବଢୁଛି ବିଜେପି ଲୋକ ପ୍ରିୟତା । ରାଜ୍ୟର ଚର୍ଚ୍ଚିତ ନିର୍ବାଚନ ମଣ୍ଡଳୀ ଘସିପୁରା ବିଧାନସଭା କ୍ଷେତ୍ର ଘଟଗାଁ ବ୍ଲକରେ ଧିରେ ଧିରେ ବିଜେଡି ସଂଗଠନ ଦୁର୍ବଳ ହେବାରେ ଲାଗୁଛି । ବ୍ଲକର ବିଭିନ୍ନ ଜୋନ ବିଜେଡି କର୍ମୀ ମାନେ ବିଜେପିକୁ ଚାଲି ଆସୁଥିବା ନଜର ରହୁଛି । ପ୍ରକାଶ ଥାଉକି ପୂର୍ବରୁ ଅନେକ ବିଜେଡି ନେତା ଓ କର୍ମୀ ବିଜେପି ଶିବିରରେ ବିଧିବଦ୍ଧ ଭାବରେ ଯୋଗ ଦେଇଥିବା ବେଳେ ନିକଟରେ ସାଂସଦଙ୍କ ଉପସ୍ଥିରେ ପଣ୍ଡାପଡା ଜୋନ ଆଗଧାଡିର ଟାଣୁଆ ବିଜେଡି ନେତା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଓ ଜିଲ୍ଲା ଉପ ସଭାପତି ରମେଶ ପଲେଇ ବିଧିବୋଧ ଭାବେ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଛନ୍ତି । ତାଙ୍କ ସହ ବସନ୍ତପୁର ପଂଚାୟତ ବିଜେଡି ସଭାପତି ଗଣେଶ୍ୱର ମହାନ୍ତ ସମେତ ସନ୍ତୋଷ ସାହୁ, ରତିକାନ୍ତ ମହାନ୍ତ, ସତ୍ୟସବ୍ରତ ମହାନ୍ତ ପ୍ରମୁଖ ବିଜେଡି ଛାଡି ସାଂସଦ ଅନନ୍ତ ନାୟକ ଉପସ୍ଥିତିରେ ବିଜେପିରେ ଯୋଗଦେଇଛନ୍ତି । ତେବେ ଆଗକୁ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଥିବା ବେଳେ ବିଜୁ ଜନତା ଦଳର ବହୁ କର୍ମୀ ଭାରତୀୟ ଜନତା ପାର୍ଟିରେ ଯୋଗଦେଇ ବିଜେଡି ସଂଗଠନକୁ ଦୁର୍ବଳ କରୁଛନ୍ତି ।

## ଚାନ୍ଦା ନଦେବାରୁ ମିଠା ଦୋକାନୀଙ୍କୁ ଆକ୍ରମଣ : ୩ ଅଭିଯୁକ୍ତ ଗିରଫ




ଜୟପୁର, ୧୮/୯(ନି/ପ୍ର): ପାର୍ବଣ ଋତୁ ଆରମ୍ଭ ନହେଉଣୁ ସହରରେ ମୁଣ୍ଡ ଟେକିଛି ଚାନ୍ଦା ଆଦାୟ ଜୁଲୁମ୍ । ଗଣେଶ ପୂଜା ପାଇଁ ଜୋର୍ ଜବରଦସ୍ତ ଚାନ୍ଦା ମାଗିବା ସହ ଜଣେ ୬୩ ବର୍ଷୀୟ ବୃଦ୍ଧ ଏସ୍. ଶ୍ରୀନିବାସ ରାଓ ମିଠା ବ୍ୟବସାୟୀଙ୍କୁ ମାରପିଟ୍ କରି ଦୋକାନ ଭଙ୍ଗାରୁଜା କରିବା ଘଟଣା ସ୍ଥାନୀୟ ଅଂଚଳରେ ତୀବ୍ର ଉତେଜନା ସୃଷ୍ଟି କରିଛି । ସୂଚନା ଅନୁସାରେ, ପି.ଆର ପେଟା ୪ର୍ଥ ଲାଇନର ବାସିନ୍ଦା ତଥା ସହରର ମୁଖ୍ୟ ରାସ୍ତାର ଭାସ୍କର ଟକିଜ୍ ସମ୍ମୁଖରେ ମିଠା ଦୋକାନ କରି ଗୁଜୁରାଣ ମେଂଟାଉଥିବା ଏସ୍. ଶ୍ରୀନିବାସ ରାଓ ସୋମବାର ରାତି ପ୍ରାୟ ସାଢେ ୯ଟାରେ ନିଜ ଦୋକାନରେ ଥିଲେ । ଏହି ସମୟରେ ୨ରୁ ୩ ଜଣ ଯୁବକ ଆସି ତାଙ୍କୁ ଗଣେଶ ପୂଜା ଚାନ୍ଦା ମାଗିଥିଲେ । ଶ୍ରୀ ରାଓ ଚାନ୍ଦା ଟଙ୍କା ପରଦିନ ଅର୍ଥାତ ମଙ୍ଗଳବାର ଦେବା ପାଇଁ କହିବାରୁ ଉକ୍ତ ଯୁବକମାନେ ଉତକ୍ଷିପ୍ତ ହୋଇ ତାଙ୍କୁ ଏବଂ ତାଙ୍କ ପରିବାରକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଶ୍ରୀ ରାଓ ଏହାର ପ୍ରତିବାଦ କରି ଗଣ୍ଡଗୋଳ ନକରିବାକୁ କହିବାରୁ ସେମାନଙ୍କ ମଧ୍ୟରୁ ସୁଜିତ କୁମାର ହିଆଲ ନାମକ ଜଣେ ଯୁବକ ତାଙ୍କୁ ନିର୍ଦ୍ଦୟ ଭାବେ ମାରପିଟ୍ କରିଥିଲେ । ସାଥୀରେ ଥିବା ଅନ୍ୟ ଦୁଇଜଣ ତାକୁ ଅଟକାଇବାକୁ ଚେଷ୍ଟା କରିଥିଲେ ହେଁ, ଉକ୍ତ ଯୁବକ ଜଣକ ବୃଦ୍ଧ ଶ୍ରୀ ରାଓଙ୍କୁ ଶକ୍ତ ଚାପୁଡ଼ା ମାରିବା ସହ ଦୋକାନର ସାମଗ୍ରୀ ଫିଙ୍ଗି ଭଙ୍ଗାରୁଜା କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା । ଘଟଣା ସମ୍ପର୍କରେ ପୀଡ଼ିତ ବ୍ୟବସାୟୀ ତୁରନ୍ତ ଜୟପୁର ଟାଉନ୍ ଥାନାରେ ଅଭିଯୋଗ କରିବା ପରେ କେଶ୍ ନଂ- ୩୫୫/୨୬ରେ ମାମଲା ରୁଜୁ ହୋଇଥିଲା । ଟାଉନ୍ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତଙ୍କ ନିର୍ଦ୍ଦେଶକ୍ରମେ ଏଏସ୍ ?ଆଇ ପି. ଆର. ବାରିକ ଘଟଣାର ତଦନ୍ତ ଭାର ଗ୍ରହଣ କରି ମଙ୍ଗଳବାର ତିନି ଅଭିଯୁକ୍ତ ନ୍ୟୁ ଷ୍ଟ୍ରିଟ୍ ଚତୁର୍ଥ ଲେନର ସୁଜିତ କୁମାର ହିଆଲ(୨୦), ନ୍ୟୁ ଷ୍ଟ୍ରିଟ୍ ତୃତୀୟ ଲେନର କୁନାଲ ନାୟକ(୨୦), ନ୍ୟୁ ଷ୍ଟ୍ରିଟ୍ ପଂଚମ ଲେନର ସୁରେନ୍ଦ୍ର ବାଗ(୧୯)ଙ୍କୁ ଗିରଫ କରିଥିଲେ । ଗିରଫ ପରେ ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ପୁଲିସ ପକ୍ଷରୁ ସୂଚନା ମିଳିଛି ।

## ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତି ସହ ବିକ୍ରିଚାଲିଛି ଗୁପଚୁପ, ପ୍ରଶାସନର ଚଢ଼ାଉ ଦାବି

ଜୟପୁର, ୧୮/୯(ନି/ପ୍ର): କୋରାପୁଟ ଜିଲାରେ ଅସ୍ୱାସ୍ଥ୍ୟ କର ପରିବେଶରେ ପ୍ରସ୍ତୁତ ଓ ବିକ୍ରିଚାଲିଛି ଗୁପଚୁପ୍ । କୋରାପୁଟ ଜିଲାର ଜୟପୁର ସହର, କୋରାପୁଟ, ସେମିଳିଗୁଡା, ବୋରିଗୁମ୍ମା, କୋଟପଡ ରେ ଚାଲିଛି ଜୋର ସୋରରେ ଗୁପ ଚୁପ ବେପାର । ଛୋଟ ଠାରୁ ବଡ ଯାଏ ଗୁପଚୁପ ନାଁ ଶୁଣିବା ମାତ୍ରେ ପାଟିରୁ ଲାଳ ବୋହିଯାଇଥାଏ । ସେ ପୁଅ ହେଉ କି ଝିଅ, ଯୁବକ ହେଉକି ଯୁବତୀ, ପୁରୁଷ ହେଉକି ମହିଳା ପ୍ରାୟ ସମସ୍ତଙ୍କ ଗୁପଚୁପ ପ୍ରତି ଦୁର୍ବଳତା ଥାଏ । ଯେଉଁଥି ପାଇଁ କୋରାପୁଟ ଜିଲା ଜୟପୁର ସହର ତଥା ଏହାର ଆଖପାଖ ଅଂଚଳର ମୁଖ୍ୟରାସ୍ତା କଡର ରାଜ୍ୟ ବାହାରର ବହୁ ବ୍ୟବସାୟୀ ଠେଲାଗାଡିରେ ଗୁପଚୁପ ବିକ୍ରୀ କରୁଥିବା ଦେଖିବାକୁ ମିଳୁଛି । କେବଳ ଏତିକି ନୁହେଁ ଗୁପଚୁପର ଚାହିଦାକୁ ଦୃଷ୍ଟିରେ ରଖି ବିଗତ କିଛି ବର୍ଷ ହେଲା ବିବାହ, ବ୍ରତ ସମେତ ଅନ୍ୟ କେତେକ ମାଙ୍ଗଳିକ କାର୍ଯ୍ୟକ୍ରମରେ ଓ ଭୋଜିଭାତରେ ବି ଗୁପଚୁପର ପସରା ପଡୁଥିବା ଦେଖିବାକୁ ମିଳୁଛି । କିନ୍ତୁ ଦୁଃଖର କଥା ଏହି ଗୁପଚୁପ ବିକ୍ରୀ ସ୍ଥାନକୁ ଥରେଗଲେ ତାକୁ ଖାଇବାକୁ ଆଉ ମନ ବଳାଇବେ ନାହିଁ ବୋଲି ସଚେତନ ନାଗରିକ ମହଲରେ ଆଲୋଚିତ ହେଉଛି । ଜୟପୁର ସହରର କେତେକ ମୁଖ୍ୟରାସ୍ତା ପାର୍ଶ୍ୱରେ ରାଜ୍ୟ ବାହାରର ବହୁ ଗୁପଚୁପ ବ୍ୟବସାୟୀ ସ୍ୱଚ୍ଛତା ଭୁଲି ଯାଇ ଅସ୍ୱାସ୍ଥ୍ୟକର ପରି ବେଶ ମଧ୍ୟରେ ଗୁପଚୁପ ବିକ୍ରୀ କରୁଥିଲେ ମଧ୍ୟ ଯାଂଚ କରିବା ଦିଗରେ ପ୍ରଶାସନର ପଦକ୍ଷେପ ନେଉଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଓ ପ୍ରତିକ୍ରି ୟା ପ୍ରକାଶ ପାଉଥିବା ଦେଖିବାକୁ ମିଳୁଛି । ରାସ୍ତାକଡରେ ଠେଲାରେ ବିକ୍ରୀ ହେଉଥିବା ପାଟି ସୁଆଦିଆ ଗୁପଚୁପ ଖାଇ ବହୁ ବ୍ୟକ୍ତି ନାନା ପ୍ରକାର ପେଟରୋଗରେ ଆକ୍ରାନ୍ତ ହେଉଥିବା ମଧ୍ୟ ଅଭିଯୋଗ ହେଉଛି । ପାଟିକୁ ସୁଆଦ ଲାଗୁଥିବା ଗୁପଚୁପର ଆଳୁଚକଟା ଓ ଖଟା ପାଣିକୁ ବାହାର ରାଜ୍ୟର କେତେକ ବ୍ୟବସାୟୀ କେଉଁ ପରିବେଶରେ ତିଆରି କରୁଛନ୍ତି ତାହା ଯାଂଚ କରିବା ଦିଗରେ କାହାର ନଜର ପଡୁନଥିବା ଅଭିଯୋଗ ହେଉଛି । ଏହା ସତ୍ତ୍ୱେ ପାଟିକୁ ସୁଆଦ ଲାଗିବା ଓ ଜିହ୍ୱାଲାଳସାରେ ବହୁ ବ୍ୟକ୍ତି ଗୁପଚୁପ ପ୍ରତି ମୋହ ତୁଟାଇ ନପାରି ଶରୀର ପ୍ରତି କ୍ଷତିକାରକ ଥିଲେ ମଧ୍ୟ ତାହା ଖାଉଥିଲା ବେଳେ ଅସାଧୁ ଗୁପଚୁପ ବିକାଳୀ ମାଲାମାଲ ହେଉଥିବା ଚର୍ଚ୍ଚା ହେଉଛି । ଗୁପଚୁପ ଖାଇବା ପାଇଁ ବିଭିନ୍ନ ସ୍କୁଲ କଲେଜ ଠାରୁ ଆରମ୍ଭକରି ରାସ୍ତାକଡରେ ଗ୍ରାହକଙ୍କ ଭିଡ ଜମୁଛି । ଦୈନିକ ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଗୁପଚୁପ ବ୍ୟବସାୟ ଜୟପୁର ଅଂଚଳରେ ହେଉଥିବା ଆକଳନ କରାଯାଉଛି । ଓଡିଆ ବ୍ୟବସାୟୀଙ୍କ ଅପେକ୍ଷା ରାଜ୍ୟ ବାହାରର କେତେକ ବ୍ୟବସାୟୀ ଜୟପୁର ରେ ଗୁପଚୁପ ବେପାର କରିଆସୁଥିବା ଦେଖିବାକୁ ମିଳୁଛି । ବିନା ଫୁଡ ଲାଇସେନ୍ସରେ ଗୁପଚୁପ ବ୍ୟବାସାୟ କରୁଥିବା ବାହାର ରାଜ୍ୟର ବ୍ୟବସାୟୀମାନଙ୍କ ଉପରେ ପ୍ରଶାସନ ପକ୍ଷରୁ କୌଣସି ଅଙ୍କୁଶ ଲଗାନଯିବା ଅନ୍ତରାଳରେ କି ରହସ୍ୟ ରହିଛି ତାହା ତଦନ୍ତ ସାପେକ୍ଷ । ବାସ୍ତବିକ ଭାବେ ରାସ୍ତାକଡରେ ବିକ୍ରୀ ହେଉଥିବା ଗୁପଚୁପ ଓ ଖଟାପାଣି ଗୁଡିକ ସ୍ୱାସ୍ଥ୍ୟ ପ୍ରତି ଉପଯୋଗୀ କି ନାହିଁ ତାହା ଯାଂଚ କରିବା ଜରୁରୀ ହୋଇପଡିଛି । ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ପ୍ରସ୍ତୁତ ଓ ବିକ୍ରୀ ହେଉଥିବା ଗୁପଚୁପର ମାନ ଯାଂଚ କରି ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦୃଢ ଦାବି ହୋଉଛି ।

## ଆଇଟିବିପିର ୧୯ତମ ପ୍ରତିଷ୍ଠା ଦିବସ ପାଳିତ

ଖୋର୍ଦ୍ଧା, ୧୮/୯(ନି/ପ୍ର): ଖୋର୍ଦ୍ଧା ଉପକଣ୍ଠ ତରତୁଆସ୍ଥିତ ବିକ୍ରମ ନଗର କ୍ୟାମ୍ପ ପରିସରରେ ୪୧ତମ ବାହିନୀ ଭାରତ-ତିବ୍ବତ ସୀମା ପୋଲିସ ବଳ (ଆଇଟିବିପି)ର ୧୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆଇଟିବିପି କ୍ଷେତ୍ରୀୟ ମୁଖ୍ୟାଳୟ, ଭୁବନେଶ୍ୱରର ଉପ-ମହାନିରୀକ୍ଷକ ବେଣୁଧର ନାୟକ ଏବଂ ହିମବୀର ୱାଇଫ୍ସ ୱେଲଫେୟାର ଆସୋସିଏସନ (ହାୱା)ର ଚିଫ୍ ଏକ୍ଜିକ୍ୟୁଟିଭ୍ ଗିରିଜା ପ୍ରିୟଦର୍ଶିନୀଙ୍କ ଉପସ୍ଥିତିରେ ବିଭିନ୍ନ କାର୍ଯ୍ୟକ୍ରମ ଓ ମନୋରଞ୍ଜନଧର୍ମୀ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ପିଲାମାନଙ୍କ ପାଇଁ ଜିଲାପି ଦୌଡ଼, (ହାୱା) ସଦସ୍ୟାମାନଙ୍କ ପାଇଁ ବେଲନ୍ ଥ୍ରୋ, ମ୍ୟୁଜିକାଲ୍ ଚେୟାର ଏବଂ ମହିଳାମାନଙ୍କ ପାଇଁ ଛୁଂଚି-ସୂତା ଦୌଡ଼ ପ୍ରତିଯୋଗିତା ହୋଇଥିଲା । ଏଥିସହ ବିଭିନ୍ନ ପ୍ରକାରର ଷ୍ଟଲ୍ ମଧ୍ୟ ଖୋଲାଯାଇଥିଲା ।

## ଟ୍ରେନ ଆଗକୁ ଡେଇଁ ଷ୍ଟେନୋଙ୍କ ଆତ୍ମହତ୍ୟା, ପରିବାର ପକ୍ଷରୁ ରହସ୍ୟ ଉନ୍ମୋଚନ ଦାବି

ଭଦ୍ରକ, ୧୮/୯(ନି/ପ୍ର): ଭଦ୍ରକ ଜିଲ୍ଲା ଆଗରପଡା ଥାନା ଅଧିନ ଚାରିଗାଁ ଗ୍ରାମର ମଧୁସୁଦନ ସାହୁଙ୍କ ଝିଅ ସ୍ମୃତିସ୍ନିଗ୍ଧା(୨୩)ଙ୍କ ସୋମବାର ରାତ୍ରରେ ମୃତ୍ୟୁ ଘଟିଛି । ମୃତ୍ୟୁ ପଛରେ ଅନେକ ରହସ୍ୟ ରହିଥିବା ବେଳେ ସ୍ମୃତିସ୍ନିଗ୍ଧା କେଉଁ ପରିସ୍ଥିତିରେ ବାଲେଶ୍ୱର ଆସିଲେ । ସେ ରହୁଥିବା ଭଡା ଘରକୁ ଯାଇଥିବା ମହିଳା ଜଣକ କିଏ ? ସର୍ବୋପରି ନୂଆକରି ସ୍କୁଟି ଚଳାଉଥିବା ତାଙ୍କ ସ୍କୁଟି ବାଲେଶ୍ୱର ପର୍ଯ୍ୟନ୍ତ କିପରି ଆସିଲା ସେ ନେଇ ନାନା ସନ୍ଦେହ ଜାତ ହେଉଥିବା ବେଳେ ତାଙ୍କ ମୃତ୍ୟୁ ଅନେକ ଅସମାହିତ ପ୍ରଶ୍ନ ଛାଡିଯାଇଛି । ଖବରରୁ ପ୍ରକାଶଯେ ସୋମବାର ସ୍ମୃତିସ୍ନିଗ୍ଧା ବାଲେଶ୍ୱର ଷ୍ଟେସନ ନିକଟରେ ଜନ ଶତାବ୍ଦୀ ଟ୍ରେନ ଆଗକୁ ଆସି ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ତାଙ୍କର ଦୁଇଟି ଗୋଡ କଟିଯାଇଥିଲା । ଅନତିଦୂରରେ ସେ ଚଢୁଥିବା ସ୍କୁଟି ରହିଥିଲା । ଘଟଣା ପରେ ରେଳବାଇ ପୋଲିସ ତାଙ୍କୁ ତୁରନ୍ତ ବାଲେଶ୍ୱର ଡାକ୍ତରଖାନା ଓ ପରେ କଟକ ସ୍ଥାନାନ୍ତର କରିଥିବା ବେଳେ ସିମୁଳିଆ ଥାନା ଜାମୁଝାଡି ଠାରେ ସେ ମୃତ୍ୟୁବରଣ କରିଥିଲେ । ତାଙ୍କୁ ଭଦ୍ରକ ଡାକ୍ତରଖାନା ଅଣାଯାଇ ଆଜି ଅପରାହ୍ନରେ ସବ ବ୍ୟବଚ୍ଛେଦ ପରେ ସନ୍ଧ୍ୟାରେ ନିଜ ଗ୍ରାମ ଆଗରପଡା ଥାନା ଅଧିନ ଚାରିଗାଁ ଠାରେ ଏକ ଶୋକାକୂଳ ପରିବେଶ ମଧ୍ୟରେ ଦାହ କରାଯାଇଛି । ପରିବାର ସୁତ୍ରରୁ ପ୍ରକାଶ ଯେ ସ୍ମୃତିସ୍ନିଗ୍ଧା ବାଲେଶ୍ୱର ଫକୀର ମୋହନ କଲେଜରେ +୩ ପାଠ ପଢୁଥିଲେ । ୩ ବର୍ଷ ପୂର୍ବେ ବାପାଙ୍କ ସହ ଯାଇ ବାଲେଶ୍ୱର ଏଫଏମ ଗୋଲେଇରେ ଥିବା କମ୍ପ୍ୟୁଟର ଦୋକାନରୁ ଲାପଟପ୍ କିଣିବା ସମୟରେ ଦୋକାନର ବିକ୍ରେତା (ସେଲ୍ସ ମ୍ୟାନ) ବାଲେଶ୍ୱର ଅଂଚଳର ଜନୈକ ଯୁବକ କୌଶଳ କ୍ରମେ ସ୍ମୃତିସ୍ନିଗ୍ଧାଙ୍କ ଫୋନ ନମ୍ବର ରଖି କଥା ହେଉଥିଲେ । ଇତିମଧ୍ୟରେ ବାରିପଦା କୋର୍ଟରେ ଷ୍ଟେନୋ ଭାବେ ନିଯୁକ୍ତି ପାଇବା ପରେ ଉକ୍ତ ଯୁବକ ବିଭିନ୍ନ ସମୟରେ ଫୋନରେ କଥା ହୋଇ ଧମକ ଚମକ ପରି ମାନସିକ ନିର୍ଯାତନା ଦେଇ ଆସୁଥିଲେ । ଗତ ଜୁଲାଇ ୨୪ ତାରିଖରେ ଉକ୍ତ ଯୁବକଙ୍କ ସମ୍ପର୍କୀୟ ତିନିଜଣ ମହିଳା ସ୍ମୃତିସ୍ନିଗ୍ଧାଙ୍କ ଚାରିଗାଁ ସ୍ଥିତ ଘରକୁ ଆସି ବିବାହ ପ୍ରସ୍ତାବ ଦେଇଥିଲେ । ପରିବାର ପକ୍ଷରୁ ଏହାକୁ ଅଗ୍ରାହ୍ୟ କରାଯାଇଥିଲା । ହେଲେ ଗତ ସୋମବାର ଜନୈକ ମହିଳା କାର ଯୋଗେ ବାରିପଦା ଯାଇ ସ୍ମୃତିସ୍ନିଗ୍ଧା ରହୁଥିବା ମେସରୁ ସ୍କୁଟି ସହ ତାଙ୍କୁ ଡାକି ଆଣିଥିଲେ । ସୋମବାର ଅପରାହ୍ନରେ ବାଲେଶ୍ୱର ଷ୍ଟେସନରେ ସେ ଆତ୍ମହତ୍ୟା ଉଦ୍ୟମ କରିବା ପଛରେ ଅନେକ ରହସ୍ୟ ଲୁଚି ରହିଥିବା ବେଳେ ଲାପଟପ ଦୋକାନରେ ଥିବା ଉକ୍ତ ଯୁବକ, ଘରକୁ ଆସିଥିବା ୩ ଜଣ ମହିଳା, ଘଟଣା ଦିନ ସ୍ମୃତିସ୍ନିଗ୍ଧା ରହୁଥିବା ମେସକୁ ଯାଇଥିବା ମହିଳାଙ୍କ ସମେତ ଭଲଭାବେ ସ୍କୁଟି ଚଲାଇ ପାରୁନଥିବା ତାଙ୍କ ସ୍କୁଟି ବାଲେଶ୍ୱର ଆସିଲା କିପରି ଆଦି ନେଇ କଲ ରେକର୍ଡ ଯାଂଚ ସହ ଉପରୋକ୍ତ ବ୍ୟକ୍ତି ମାନଙ୍କୁ ପଚରା ଉଚରା କଲେ ପ୍ରକୃତ ସତ୍ୟାସତ୍ୟ ଲୋକ ଲୋଚନକୁ ଆସି ପାରିବ ବୋଲି ମୃତକଙ୍କ ଜେଜେ ଉମାକାନ୍ତ ସାହୁ କହିଛନ୍ତି ।

## ଦେଶୀ ମଦ ସହ ବୋଲେରୋ ଜବତ, ମହିଳାଙ୍କ ସମେତ ୨ ଗିରଫ

ଭଦ୍ରକ, ୧୮/୯(ନି/ପ୍ର): ଭଦ୍ରକ ଅବକାରୀ ଅଧିକ୍ଷକ ନରୋତମ ମିଶ୍ରଙ୍କ ନିର୍ଦ୍ଦେଶ ଏବଂ ଅବକାରୀ ଉପ-ଅଧିକ୍ଷକ ସୁଚରିତା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭଦ୍ରକ ଅବକାରୀ ନିରୀକ୍ଷକ ମମତା କୁମାରୀ ଦାସଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଟିମ ବନ୍ତ ଥାନା ଆପଣ୍ଡା ଛକ ଓ ଭଦ୍ରକ ଗ୍ରାମାଂଚଳ ଥାନା ରାହାଞ୍ଜ ଗ୍ରାମରେ ଚଢ଼ାଉ କରି ୪୯୦ ଲିଟର ଦେଶୀ ମଦ ସହିତ ଗୋଟିଏ ବଲେରୋ ଜବତ କରିଛନ୍ତି । ଏହି ଘଟଣାରେ ଅବକାରୀ ପୋଲିସ ଜଣେ ମହିଳାଙ୍କ ସମେତ ୨ ଜଣଙ୍କୁ ଆସାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

## ଜାତୀୟ ଲୋକ ଅଦାଲତରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସଫଳ ଯୋଗଦାନ




ଅନୁଗୋଳ, ୧୮/୯(ନି/ପ୍ର): ଗତ ୧୨ ତାରିଖ ଶନିବାର ଦିନ ଅନୁଗୋଳ ଜିଲ୍ଲା କୋର୍ଟ ପରିସରରେ ଅନୁଷ୍ଠିତ ଜାତୀୟ ଲୋକ ଅଦାଲତରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ (ଆର.ବି.ଓ) ଅନୁଗୋଳ ତରଫରୁ ଆଂଚଳିକ ପ୍ରବନ୍ଧକ କମଳଲୋଚନ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ୧୫ଟି ମାମଲାର ଆପୋଷ ସମାଧାନ ହୋଇଥିଲା ଓ ୧୦ଲକ୍ଷ ୫୦ହଜାର ଟଙ୍କା ଅସୁଲ ହୋଇପାରିଥିଲା । ଉକ୍ତ ଲୋକ ଅଦାଲତରେ ମ୍ୟାନେଜର (ଏନପିଏ) ରଞ୍ଜନ କୁମାର ପ୍ରଧାନ, ମୁଖ୍ୟ ପରିଚାଳକ, ଅନୁଗୋଳ ଶାଖା ଆଲୋକ କୁମାର ସାହୁ ଏବଂ ବିଭିନ୍ନ ଶାଖାର ପରିଚାଳକ ମାନେ ଯୋଗ ଦେଇ ଋଣ ଖିଲାପିମାନଙ୍କର ଋଣ ପରିଶୋଧର ଆପୋଷ ସମାଧାନ କରିଥିଲେ । ଋଣ ଖିଲାପକାରୀମାନେ ଲୋକ ଅଦାଲତ ଜରିଆରେ ଆବଶ୍ୟକ ସୁବିଧା ସୁଯୋଗ ପାଉଥିବାରୁ ଗ୍ରାହକମାନଙ୍କ ମଧ୍ୟରେ ଋଣ ପରିଶୋଧ ପାଇଁ ଆଗ୍ରହ ବଢିଥିବା ଦେଖାଯାଇଥିଲା । ଏହି ଲୋକ ଅଦାଲତରେ ରିକଭରୀ ଏଜେନ୍ସୀର ବିନୋଦ କୁମାର ମାଝୀ, ବିଜୟ କୁମାର ନାୟକ, ସୁନୀଲ କୁମାର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ଆଗାମୀ ଦିନରେ ମଧ୍ୟ ଏହିପରି ଲୋକ ଅଦାଲତ ମାଧ୍ୟମରେ ବହୁ ଋଣ ଖିଲାପକାରୀଙ୍କ ମାମଲାଗୁଡିକୁ ସମାଧାନ କରାଯାଇପାରିବ ବୋଲି ମ୍ୟାନେଜର ଏନପିଏ ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଥିଲେ ।

## ଖୁବ୍ ଶୀଘ୍ର ପୂରଣ ହେବ ପାଣ୍ଡରା ଆଧୁନିକ ହୋଲସେଲ୍ ମାଛ ବଜାର କାର୍ଯ୍ୟ :ଅପରାଜିତା

ଭୁବନେଶ୍ୱର, ୧୮/୯(ନି/ପ୍ର): ଭୁବନେଶ୍ୱରର ମାଛ ବଜାରରେ ଆଉ ରହିବ ନାହିଁ ପୂତି ଗନ୍ଧମୟ ପରିବେଶ । ଦୂର ହେବ ୟୁନିଟ୍-୪ ର ମାଛ ବଜାରରେ ଦେଖାଯାଉଥିବା ଭିଡ ଓ ଟ୍ରାଫିକ ସମସ୍ୟା । ଆସନ୍ତା ୨୦୨୮ ମାର୍ଚ୍ଚ ଶେଷ ସୁଦ୍ଧା ପାଣ୍ଡରା ଠାରେ ପ୍ରାୟ ୫.୪ ଏକର ଜମିରେ ପାଖାପାଖି ୫୧ କୋଟି ୪୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଉଥିବା ଅତ୍ୟାଧୁନିକ ମାଛ ବଜାର କାର୍ଯ୍ୟ ସମ୍ପନ୍ନ ହେବ । ଯେଉଁ ବଜାର ରେ ନିର୍ମିତ ହେଉଛି ୪୦ଟି ହୋଲସେଲ କାଉଂଟର ସମେତ ୧୦୦ଟି ପିଣ୍ଡି । ଆଜି ଉକ୍ତ ଭୁବନେଶ୍ୱରର ପାଣ୍ଡରା ଠାରେ ନିର୍ମାଣାଧୀନ ଆଧୁନିକ ହୋଲସେଲ୍ ମାଛ ବଜାର ପ୍ରକଳ୍ପର ସ୍ଥଳ ପରିଦର୍ଶନ କରିବା ପରେ ଏଭଳି କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ଅଂଚଳ ପରିଦର୍ଶନ ପରେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଧୀରେ ଧୀରେ ଆକାର ନେଉଥିବା ଦେଖିବା ନିଶ୍ଚିତ ଭାବେ ଏକ ସ୍ୱପ୍ନ ସାକାର ହେବାର ଅନୁଭୂତି ଦେଉଛି ବୋଲି କହିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ । ଏଠାରେ ସୂଚନା ଯୋଗ୍ୟ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଙ୍କ ସ୍ୱପ୍ନର ପ୍ରକଳ୍ପ ଭାବରେ ତାଙ୍କର ଲଗାତାର ପ୍ରୟାସ ପରେ ବି.ଏମ୍.ସି ଦ୍ୱାରା ଏହି ପ୍ରକଳ୍ପର ଟେଣ୍ଡର କରାଯାଇ ଗତ ଏପ୍ରିଲ ୨୦୨୬ ମସିହାରୁ ସାଇଟ୍ ହସ୍ତାନ୍ତର କରାଯାଇଛି । ଏପରିକି ସାଂସଦଙ୍କ ପ୍ରତ୍ୟକ୍ଷ ପ୍ରୟାସ ରେ ବି.ଏମ୍.ସି ପକ୍ଷରୁ ମାମଲା ମୁକ୍ତ ବା ଲିଟିଗେଶନ ଫ୍ରି ଜମି ହସ୍ତାନ୍ତର କାର୍ଯ୍ୟ ସମ୍ପନ୍ନ ହୋଇଛି । ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏକ ଆଧୁନିକ ହୋଲସେଲ୍ ଓ ରିଟେଲ୍ ମାଛ ବଜାର ପ୍ରତିଷ୍ଠା କରିବା ସହିତ ୟୁନିଟ୍-୪ ମାଛ ବଜାରରେ ବର୍ତ୍ତମାନ ଦେଖାଦେଉଥିବା ଭିଡ଼ ଓ ଟ୍ରାଫିକ୍ ସମସ୍ୟାର ସମାଧାନ କରିବା । ଏହି ପରିଦର୍ଶନ ସମୟରେ ସାଂସଦ ଙ୍କ ସହ ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର , ରୁଦ୍ର ନାରାୟଣ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପ ସ୍ଥଳ ପରିଦର୍ଶନ କରି ବିଏମସି ଅଧିକାରୀମାନଙ୍କ ସହିତ ପ୍ରକଳ୍ପର ଅଗ୍ରଗତି ଓ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଆଲୋଚନା କରିବା ସହ ପାଣ୍ଡରା ଗ୍ରାମବାସୀଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ । ଏହି ଅବସରରେ ୩୧ ମାର୍ଚ୍ଚ ୨୦୨୮ ମଧ୍ୟରେ ନିର୍ଦ୍ଧାରିତ ସମୟସୀମା ଅନୁଯାୟୀ ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସମ୍ପୃକ୍ତ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି ସାଂସଦ । ଏଥିସହିତ ପ୍ରକଳ୍ପଟିକୁ ନିର୍ଦ୍ଧାରିତ ସମୟରେ ଏବଂ ଉଚ୍ଚମାନର ସହ ସମ୍ପୂର୍ଣ୍ଣ ହେବା ନିଶ୍ଚିତ କରିବା ପାଇଁ ଏହାର ଅଗ୍ରଗତିକୁ ନିଜେ ନିୟମିତ ଭାବେ ନିକଟରୁ ତଦାରଖ କରିବେ ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ ନିୟୋଜିତ ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ସହଯୋଗୀମାନଙ୍କୁ ମଧ୍ୟ ଆନ୍ତରିକ କୃତଜ୍ଞତା ଜଣାଇବା ସହିତ ଭୁବନେଶ୍ୱରବାସୀଙ୍କ ପାଇଁ ଏକ ଆଧୁନିକ, ସୁସଂଗଠିତ ଏବଂ ସୁଚାରୁ ଭାବେ ପରିଚାଳିତ ମାଛ ବଜାର ନିର୍ମାଣ ଦିଗରେ ଏହା ଏକ ଐତିହାସିକ ପଦକ୍ଷେପ ବୋଲି କହିଛନ୍ତି ସାଂସଦ । ଏହା ମାଧ୍ୟମରେ ମାଛ ବ୍ୟବସାୟୀମାନଙ୍କ ପାଇଁ ଉନ୍ନତ ଓ ସୁବିଧାଜନକ ବ୍ୟବସ୍ଥା ସୃଷ୍ଟି ହେବ ।

## ୨୫୨ ଜଣ ଶିକ୍ଷକଙ୍କୁ ପ୍ରଧାନ ଶିକ୍ଷକ ପଦୋନ୍ନତି

ଭଦ୍ରକ, ୧୮/୯(ନି/ପ୍ର): ଦୀର୍ଘ ଚାରିବର୍ଷ ପରେ ପ୍ରାଥମିକ ଶିକ୍ଷକଙ୍କୁ ପଦୋନ୍ନତି ମିଳିଲା । ଓଡ଼ିଶା ସରକାରଙ୍କ ଗଣଶିକ୍ଷା ସଚିବଙ୍କ ଚିଠି ନଂ ୧୨୨୭୦/ ୧୩.୫.୨୬ ଅନୁସାରେ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲାରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୫୨ ଶିକ୍ଷକଙ୍କୁ ପଦୋନ୍ନତି ମିଳିଛି । ଏହାମଧ୍ୟରୁ ଲେବୁଲ-ଆଇଭି ରେ ଥିବା କଳା ଓ ବିଜ୍ଞାନ ସ୍ନାତକ ଶିକ୍ଷକ ୨୩୭ ଜଣଙ୍କୁ ଜିଲାର ୭ଟି ବ୍ଲକ୍‌ର ବିଭିନ୍ନ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପଦୋନ୍ନତି ଦିଆଯାଇ ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି । ସେହିପରି ପ୍ରାଥମିକ ବିଦ୍ୟାଳୟରେ ୧୫ ଜଣ ବରିଷ୍ଠ ପ୍ରଧାନ ଶିକ୍ଷକ ଭାବରେ ପଦୋନ୍ନତି ପାଇଛନ୍ତି । ପଦୋନ୍ନତି ମିଳିବା ପରେ ଏହି ଶିକ୍ଷକମାନେ ୪୬୦୦ ଗ୍ରେଡ୍ ପେ ହାରରେ ଦରମା ପାଇବେ । ପ୍ରକାଶ ଥାଉକି ଏହି ଶିକ୍ଷକମାନେ ପଦୋନ୍ନତି ନିମନ୍ତେ ରାଜରାସ୍ତାରେ ଲଢେଇ ଜାରି ରଖିଥିଲେ । ଭଦ୍ରକ ଜିଲାରେ ଶିକ୍ଷକମାନଙ୍କର ପଦୋନ୍ନତି ନିମନ୍ତେ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ଗାଇଡ୍ ଲାଇନ୍ ଅନୁସାରେ ଭଦ୍ରକ ଜିଲାର ଜିଲାସ୍ତରୀୟ ପଦୋନ୍ନତି କମିଟି ଦ୍ୱାରା ସ୍ୱୀକୃତି ପାଇ ଶିକ୍ଷକମାନେ ପଦୋନ୍ନତି ପାଇଛନ୍ତି । ଶିକ୍ଷକମାନଙ୍କ ପଦୋନ୍ନତିକୁ ରାଜ୍ୟ ଶିକ୍ଷା ନିର୍ଦ୍ଦେଶାଳୟ ସେପ୍ଟେମ୍ବର ୩ ତାରିଖ ଦିନ ସ୍ୱୀକୃତି ପ୍ରଦାନ କରିଥିଲେ । ନିର୍ଦ୍ଦେଶକ ଏହି ସ୍ୱୀକୃତି ପ୍ରଦାନ ପରେ ଜିଲା ହାଇସ୍କୁଲରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ କାଉନସିଲିଂ ଜରିଆରେ କେବଳ ଲେବୁଲ-୩ ପ୍ରଧାନ ଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇଛି । ବକେୟା ୧୨ ଶହ ଶିକ୍ଷକଙ୍କ ପଦୋନ୍ନତି ପ୍ରକ୍ରିୟା ଶୀଘ୍ର ସାରିବାକୁ ଶିକ୍ଷକମାନେ ଦାବି କରିଛନ୍ତି । ଭଦ୍ରକ ଜିଲାରେ ପଦୋନ୍ନତି ପାଇବାକୁ ଆହୁରି ଶିକ୍ଷକ ବାକି ଅଛନ୍ତି । ତାହା ଏ ରୁ ବି ଓ ବି ରୁ ଆଇଭି । ଲେବୁଲ-ଭି ରେ ଥିବା ଶିକ୍ଷକମାନଙ୍କ ମଧ୍ୟରୁ କଳା ଓ ବିଜ୍ଞାନରେ ପାଖାପାଖି ୩୫୦ ଓ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ୧୫୦ ଜଣ ପଦୋନ୍ନତି ପାଇବାର ହକଦାର ଅଛନ୍ତି । ଠିକ୍ ସେହିପରି ଲେବୁଲ-ଭି-ଏ ରୁ ଲେବୁଲ -ଭି-ବି କୁ ପଦୋନ୍ନତି ପାଇବା ନିମନ୍ତେ ୮୫୦ ଜଣ ଶିକ୍ଷକ ଅପେକ୍ଷାରେ ଅଛନ୍ତି । ଏହିସବୁ ଶିକ୍ଷକ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ମିଳିଲେ ପାଠପଢା ସୁରୁଖୁରୁରେ ଚାଲିବ ବୋଲି ଶିକ୍ଷାବିତ୍ ମହଲରେ ମତପ୍ରକାଶ ପାଇଛି । ବିଭାଗୀୟ ତଥ୍ୟ ଅନୁଯାୟୀ ଭଦ୍ରକ ବ୍ଲକ୍‌ରେ ୭୪ ଜଣ ପ୍ରଧାନ ଶିକ୍ଷକ ଭାବେ ପଦୋନ୍ନତି ପାଇଥିବାବେଳେ ୫୪ ଟି ଫାଙ୍କା ପଡିଅଛି । ସେହିପରି ବାସୁଦେବପୁର ବ୍ଲକ୍‌ରେ ୬୨ ଜଣ ପଦୋନ୍ନତି ପାଇଥିବାବେଳେ ୪୩ ଟି ଫାଙ୍କା ଅଛି, ବନ୍ତରେ ୨୮ ଜଣ ନିଯୁକ୍ତି ପାଇଲାବେଳେ ୩୬ ଟି ଫାଙ୍କା ପଡିଛି, ଭଣ୍ଡାରିପୋଖରୀରେ ୩୫ ଟି ଶୂନ୍ୟ ଥିବା ପଦବୀରୁ ୧୭ ଜଣଙ୍କୁ ପ୍ରଧାନ ଶିକ୍ଷକ ନିଯୁକ୍ତି ମିଳିଛି । ଚାନ୍ଦବାଲିରେ ୩୨ଟି ଶୂନ୍ୟ ପଦବୀ ପଡିଥିବାବେଳେ ୧୮ ଜଣଙ୍କୁ ନିଯୁକ୍ତି ଦିଆଯାଇଛି । ଧାମନଗରରେ ୩୭ ଟି ଫାଙ୍କା ପଡିଥିବାବେଳେ ୨୦ ଜଣଙ୍କୁ ଓ ତିହିଡିରେ ୨୫ ପ୍ରଧାନ ଶିକ୍ଷକ ପଦବୀ ଫାଙ୍କା ପଡିଥିବାବେଳେ ୧୮ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି ।




## ରାଉରକେଲା ବନଖଣ୍ଡରେ ବେଆଇନ କାର୍ଯ୍ୟକଳାପରେ ଲିପ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ବନଜାତ ଦ୍ରବ୍ୟ ଜବତ




ରାଉରକେଲା,୧୮୯(ନି/ପ୍ର):ରାଉରକେଲା ବନଖଣ୍ଡ ଅଟଂଳରେ ଗତ ଦଶଦିନ ମଧ୍ୟରେ ବେଆଇନ କାର୍ଯ୍ୟକଳାପରେ ଲିପ୍ତ ଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଜଙ୍ଗଲଜାତ ଦ୍ରବ୍ୟକୁ ଚାଲାଣ କରାଯାଉଥିବା ବେଳେ ସେଗୁଡିକୁ ଜବତ୍ କରାଯାଇଛି। ଏ ବିଷୟରେ ରାଉରକେଲା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ରାଉରକେଲା ବନଖଣ୍ଡ ଅଧିକାରୀ ରବିକାନ୍ତ ମିନା।ସୂଚନା ଅନୁସାରେ ଗତ ସେପଟ୍ମେର ୬ ତାରିଖ ଦିନ ସମଲେଶ୍ୱରୀ ଏକ୍ସପ୍ରେସ ଟ୍ରେନ୍ ଯୋଗେ ଆସୁଥିବା ୧.୨ ଟନ୍ କେନ୍ଦୁପତ୍ର ଆସୁଥିବା ବେଳେ, ତାକୁ ପାନପୋଷ ରେଳଷ୍ଟେସନ୍ ଠାରେ ଧରାଯାଇଛି। ସେହିପରି ସେପଟ୍ମେର ୮ ତାରିଖ ଦିନ ଫର୍ଟିଲାଇଜର ଅଟଂଳରୁ ଗାଡିରେ ଆସୁଥିବା ବେଳେ ୪/୫ ସ୍କ୍ୱାଆର ଫିଟ୍ କାଠ ଜବତ କରାଯାଇଛି। ସେପଟ୍ମେର ୧୦ ତାରିଖ ଦିନ ବୀରମିତ୍ରପୁର ଅଟଂଳରେ ୨୨୦ଟି ଶିମିଳି ପଟା ଜବତ୍ କରାଯାଇଛି। ସେହିପରି ସେପଟ୍ମେର ୧୫ ଏକ ବଡ଼ ଅଭିଯାନରେ ପାନପୋଷ ଠାରେ ଦୁଇଟି ଟ୍ରକରେ ୩୦ ଟନରୁ ଅଧିକ ଜଙ୍ଗଲଜାତ ଦ୍ରବ୍ୟ ଅର୍ଥାତ୍ ଷ୍ଟୋନ୍ ଜବତ କରାଯାଇଛି। ସେପଟ୍ମେର ୧୭ ତାରିଖ ଅର୍ଥାତ୍ ଆଜି ବିଶ୍ରା ଅଟଂଳରୁ ୨୪୪ ଶିମିଳି ପଟା ବି ଧରାଯାଇଛି।ରାଉରକେଲା ଡିଏଫ୍ଓ ରବିକାନ୍ତ ମିନା ସୂଚନା ଦେଇ କହିଛନ୍ତି ଯେ, ଯଦି କୌଣସି ବ୍ୟକ୍ତି ବେଆଇନ ଭାବେ ଜଙ୍ଗଲଜାତ ଦ୍ରବ୍ୟ ଯଥା, ବାଲି, ପଥର ବା ଷ୍ଟୋନ୍, ମାଇନର୍ ମିନେରାଲ, ମେଜର ମିନେରାଲ କିମ୍ବା କାଠ ଇତ୍ୟାଦିକୁ ଚୋରାଚାଲାଣ କରେ, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ ରାଉରକେଲା ବନଖଣ୍ଡ ଅଧିକାରୀ (ଡିଏଫ୍ଓ) ରବିକାନ୍ତ ମିନା।

## ଘୂର୍ଣ୍ଣିଝଡ଼ରେ ଭାଙ୍ଗିଲା ରାଉରକେଲା ସିଭିଲ୍ ଟାଉନସିପର ୧୫୦ ଫୁଟ ଉଚ୍ଚ ବିଶାଳ ଗଣେଶ ପୂଜା ପେଣ୍ଡାଲ



ରାଉରକେଲା,୧୮/୯(ନି/ପ୍ର): ସହରର ସିଭିଲ ଟାଉନସିପ ଅଟଂଳରେ ଗୁରୁବାର ଅପରାହ୍ଣରେ ଘୂର୍ଣ୍ଣିଝଡ଼ ଓ ବର୍ଷା ଯୋଗୁଁ ବିଶାଳ ଗଣେଶ ପୂଜା ପେଣ୍ଡାଲ ଅଧାରୁ ଭାଙ୍ଗି ଯାଇଛି। ପ୍ରାୟ ଦେଢ଼ଶହ ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ପେଣ୍ଡାଲଟି ଭୁଶୁଡ଼ି ପଡ଼ିବା ପରେ ଅଟଂଳରେ ଲୋକଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଯାଇଛି। ଗୁରୁବାର ଦିନ ପ୍ରବଳ ପବନ ଯୋଗୁଁ ପେଣ୍ଡାଲଟି ଭାଙ୍ଗିଥିବା କୁହାଯାଉଥିଲେ ମଧ, ଏହାର ନିର୍ମାଣ ଓ ଅନୁମତିକୁ ନେଇ ଏବେ ଅନେକ ପ୍ରଶ୍ନ ସାମ୍ନାକୁ ଆସିଛି। ବିଶେଷକରି ଜନବସତି ଓ ଯାତାୟାତ ଅଟଂଳ ମଧ୍ୟରେ ଏକ ପାର୍କମଧ୍ୟରେ ଏତେ ଅଧିକ ଉଚ୍ଚତାର ପେଣ୍ଡାଲ ନିର୍ମାଣ ହୋଇଥିଲା ଏବଂ କର୍ତ୍ତୃପକ୍ଷଙ୍କ ଅନୁମତି ନିଆଯାଇଥିଲା କି ନାହିଁ ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। କେବଳ ପୂଜା ଆୟୋଜନ ନୁହେଁ, ଏଭଳି ବିଶାଳ ଅସ୍ଥାୟୀ ନିର୍ମାଣ ପାଇଁ ପେଣ୍ଡାଲର ଢାଂଚା କେତେ ମଜବୁତ, ପବନର ବେଗକୁ ସହିବା ପାଇଁ କିଭଳି ବ୍ୟବସ୍ଥା କରାଯାଇଥିଲା ଓ କେଉଁ ଶ୍ରେଣୀର ସାମଗ୍ରୀ ବ୍ୟବହାର କରାଯାଇଥିଲା ଏବଂ ଆପତ୍କାଳୀନ ସମୟରେ ଲୋକଙ୍କ ସୁରକ୍ଷା ପାଇଁ କ'ଣ ପଦକ୍ଷେପ ରହିଥିଲା, ଏସବୁ ଦିଗରେ ଯାଂଚ ହୋଇଥିଲା କି ନାହିଁ, ତାହା ମଧ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସବୁଠାରୁ ବଡ଼ କଥା ହେଲା, ପେଣ୍ଡାଲଟି ଭାଙ୍ଗି ପଡ଼ିବା ସମୟରେ ନିକଟରେ କୌଣସି ଲୋକ ନଥିଲେ କିମ୍ବା ଏହା ନିକଟସ୍ଥ ଘର, ଯାତାୟତ କରୁଥିବା ଲୋକଙ୍କ ଉପରେ ପଡ଼ି ନଥିଲା। କିନ୍ତୁ ନିକଟସ୍ଥ ଘରକୁ ସଂଯୋଗ କରୁଥିବା ବିଦ୍ୟୁତ ସର୍ଭିସ ତାର ଏହାଦ୍ୱାରା କ୍ଷତିଗ୍ରସ୍ତ ହୋଇଥିଲା। ଏବେ ପ୍ରଶ୍ନ ଉଠୁଛି—ଏଭଳି ବିଶାଳ ପେଣ୍ଡାଲ ପାଇଁ ଅନୁମତି ଦେବା ସମୟରେ ସୁରକ୍ଷା ଦିଗକୁ କେତେ ଗୁରୁତ୍ୱ ଦିଆଯାଇଥିଲା ! କିଏ ଏହାର ଅନୁମତି ଦେଇଥିଲେ ! ପେଣ୍ଡାଲର ଢାଂଚ ଓ ସ୍ଥାନର ସୁରକ୍ଷା ଯାଂଚ କରାଯାଇଥିଲା କି ନାହିଁ ! ଏହି ଘଟଣା ପରେ ଏସବୁ ପ୍ରଶ୍ନର ଉତର ସାଧାରଣ ଲୋକଙ୍କ ସାମ୍ନାକୁ ଆସିଛି ! ଭବିଷ୍ୟତରେ ଏଭଳି ବିଶାଳ ପେଣ୍ଡାଲ ନିର୍ମାଣ ସମୟରେ ନିରାପତ୍ତା ମାନଦଣ୍ଡକୁ କଡ଼ାକଡ଼ି ଭାବେ ପାଳନ କରାଯିବା ସହିତ ସମ୍ପୃକ୍ତ କର୍ତ୍ତୃପକ୍ଷ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଆବଶ୍ୟକ ଯାଂଚ କରାଯିବାକୁ ଦାବି କରାଯାଇଛି ।

## ଗୃହସ୍ଥୀ ଉଦ୍ୟୋଗରେ ଭକ୍ତି ଓ ଶ୍ରଦ୍ଧାର ସହିତ ବିଶ୍ୱକର୍ମା ପୂଜା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ପାଳିତ



ରାଉରକେଲା,୧୮/୯(ନି/ପ୍ର): ଓଡ଼ିଶାର ପ୍ରସିଦ୍ଧ ମସଲା କମ୍ପାନୀ ଗୃହସ୍ଥୀ ଉଦ୍ୟୋଗ ପ୍ରାଇଭେଟ୍ ଲିମିଟେଡ୍ କାରଖାନା ପରିସରରେ ଆଜି ଭକ୍ତି, ଶ୍ରଦ୍ଧା, ଉତ୍ସାହ ଓ ଆନନ୍ଦର ସହିତ ଭଗବାନ ବିଶ୍ୱକର୍ମାଙ୍କ ପୂଜା ଆୟୋଜିତ ହୋଇଥିଲା କରାଯାଇଥିଲା। ଏହି ଅବସରରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ମଧ ପାଳନ କରାଯାଇଥିଲା। ଗୃହସ୍ଥୀ ଉଦ୍ୟୋଗ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ସୁନ୍ଦର ଓ ଆକର୍ଷଣୀୟ ଭାବେ ସଜ୍ଜିତ ଦରବାରରେ ଗୋମାତା, ଗୁରୁମାତା ଓ ପିତୃପୁରୁଷଙ୍କ ସମ୍ମୁଖରେ ଦୀପ ପ୍ରଜ୍ୱଳନ ଓ ପୁଷ୍ପାଞ୍ଜଳି ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଗୃହସ୍ଥୀ ଉଦ୍ୟୋଗର ସିଏମଡି ଗଣେଶ ପ୍ରସାଦ ବାଗଡ଼ିଆ, ଡାଇରେକ୍ଟର ଶ୍ରୀମତୀ ମଞ୍ଜୁ ଦେବୀ ବାଗଡ଼ିଆ ଏବଂ ସିଇଓ ଅମିତ ଅଗ୍ରୱାଲ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ କମ୍ପାନୀର ସମୃଦ୍ଧି, କର୍ମଚାରୀଙ୍କ ମଙ୍ଗଳ, ବ୍ୟବସାୟର ଉନ୍ନତି ଏବଂ ସମସ୍ତଙ୍କ ସୁଖ-ଶାନ୍ତି ପାଇଁ ଦେବଶିଳ୍ପୀ ବିଶ୍ୱକର୍ମାଙ୍କୁ ପ୍ରାର୍ଥନା କରାଯାଇଥିଲା। ଏହାପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଭଗବାନ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା, ହୋମଯଜ୍ଞ ଓ ଅନ୍ୟାନ୍ୟ ଧାର୍ମିକ ବିଧି ସମ୍ପନ୍ନ ହୋଇଥିଲା। ଶିଳ୍ପ, ଯନ୍ତ୍ରପାତି ଓ କାର୍ଯ୍ୟକ୍ଷେତ୍ରର ଉନ୍ନତି ସହିତ କମ୍ପାନୀର ନିରନ୍ତର ପ୍ରଗତି ପାଇଁ ଭଗବାନ ବିଶ୍ୱକର୍ମାଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ମଧ ପାଳନ କରାଯାଇଥିଲା। ଉପସ୍ଥିତ ଅତିଥି, ଶୁଭେଚ୍ଛୁ ଓ ଅନ୍ୟମାନେ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। କାରଖାନା ପରିସରକୁ ଏହି ଅବସରରେ ସ୍ୱତନ୍ତ୍ର ଓ ସ୍ମରଣୀୟ କରିବା ପାଇଁ ଆକର୍ଷଣୀୟ ସାଜସଜ୍ଜା ଓ ଗାର୍ଡେନ୍ ଡେକୋରେସନରେ ବିଶେଷ ବ୍ୟବସ୍ଥା କରାଯାଇଥିଲା। ଫୁଲ, ଆଲୋକ ଓ ବିଭିନ୍ନ ସୃଜନଶୀଳ ସାଜସଜ୍ଜାରେ ସମଗ୍ର ପରିସର ଉତ୍ସବମୁଖର ହୋଇଉଠିଥିଲା। ଆକର୍ଷଣୀୟ ସାଜସଜ୍ଜା ଉପସ୍ଥିତ ଅତିଥିମାନଙ୍କ ବିଶେଷ ଦୃଷ୍ଟି ଆକର୍ଷଣ କରିଥିଲା। ଚଳିତ ବର୍ଷର ଆୟୋଜନର ଏକ ବିଶେଷ ଆକର୍ଷଣ ଥିଲା ଇଜଓଉଝ ୨୦୨୬ ଥିମ୍ ଉପରେ ଆଧାରିତ ଏକ ଅଭିନବ ଧାରଣା। ଏହି ଥିମ୍ ଅନ୍ତର୍ଗତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ପ୍ରତିମୂର୍ତି ସ୍ଥାପନ କରାଯାଇଥିଲା, ଯେଉଁଥିରେ ତାଙ୍କୁ ଅତିଥିମାନଙ୍କ ସହ ହାତ ମିଳାଉଥିବା ଭଙ୍ଗୀରେ ଦର୍ଶାଯାଇଥିଲା।ଏହି ସ୍ୱତନ୍ତ୍ର ସେଲ୍ଫି ଓ ଫଟୋ ପଏଂଟ ଉପସ୍ଥିତ ଅତିଥିମାନଙ୍କ ମଧ୍ୟରେ ବିଶେଷ ଆକର୍ଷଣର କେନ୍ଦ୍ର ପାଲଟିଥିଲା। ମିଡିଆ ପ୍ରତିନିଧି, ସରକାରୀ ଅଧିକାରୀ, ବିଭିନ୍ନ କମ୍ପାନୀର ପ୍ରତିନିଧି, ବ୍ୟବସାୟିକ ସହଯୋଗୀ, ଶୁଭେଚ୍ଛୁ ଓ ସ୍ଥାନୀୟ ଲୋକମାନେ ପ୍ରଧାନମନ୍ତ୍ରୀଙ୍କ ପ୍ରତିମୂର୍ତ୍ତି ସହ ହାତ ମିଳାଇ ଫଟୋ ଉଠାଇବାରେ ବିଶେଷ ଉତ୍ସାହ ପ୍ରକାଶ କରିଥିଲେ। ଏହି ଅଭିନବ ପ୍ରସ୍ତୁତି କାର୍ଯ୍ୟକ୍ରମର ଏକ ସ୍ମରଣୀୟ ବିଶେଷତା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଏବଂ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କ ଗରିମାମୟ ଉପସ୍ଥିତି ରହିଥିଲା। ଉଭୟ ବିଧାୟକ ଭଗବାନ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ ଏବଂ ଗୃହସ୍ଥୀ ଉଦ୍ୟୋଗର ଏହି ଧାର୍ମିକ ଓ ଶିଳ୍ପଭିତ୍ତିକ ଆୟୋଜନର ଶୋଭା ବଢ଼ାଇଥିଲେ। ତାଙ୍କର ଉପସ୍ଥିତି କାର୍ଯ୍ୟକ୍ରମକୁ ବିଶେଷ ଗରିମାମୟ ପ୍ରଦାନ କରିଥିଲା।

## କନାକୁଣ୍ଡରେ ବୁଡ଼ି ମହିଳା ପର୍ଯ୍ୟଟକ ମୃତ




ସୁନ୍ଦରଗଡ଼,୧୮/୯(ନି/ପ୍ର) :ରାଜ୍ୟର ଅନ୍ୟତମ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଇବ୍ ନଦୀ ଉପତ୍ୟାକା କନାକୁଣ୍ଡରେ ଆଜି ପୁଣି ଏକ ଅଘଟଣ ଘଟିଛି। ଗଭୀର ଜଳରେ ବୁଡ଼ି ଜଣେ ମହିଳା ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ସୂଚନାନୁସାରେ, ସୁନ୍ଦରଗଡ଼ ମହିଳା ମହାବିଦ୍ୟାଳୟ ସମ୍ମୁଖ ପଡ଼ାରେ ରହୁଥିବା ପ୍ରଜ୍ଞାଶ୍ରୀ ପରମିତା ପୁରୋହିତ ପଣ୍ଡା। ପରିବାରର ୪ ଜଣଙ୍କ ସହ ଯାଇଥିଲେ। ଉପରମୁଣ୍ଡରେ ବର୍ଷା ଯୋଗୁଁ କନାକୁଣ୍ଡରେ ଜଳର ସ୍ରୋତ ପ୍ରଖର ଥିଲା। ଏଥିରେ ହଠାତ୍ ଗୋଡ଼ ଖସିଯାଇ ପ୍ରଜ୍ଞାଶ୍ରୀ ଭାସିଯାଇଥିଲେ। ସୂଚନା ପାଇ ଅଗ୍ନିଶମ ବାହିନୀ ଓ ପୁଲିସ ପହଂଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଖବର ଲେଖାଯିବା ବେଳକୁ ମହିଳାଙ୍କ ଉଦ୍ଧାର ହୋଇପାରିନଥିଲା। ଓଡ଼ଶାର ଗ୍ରାଣ୍ଡ କାନିଅନ୍ ଭାବେ ପରିଚିତ ସୁନ୍ଦରଗଡ଼ ଜିଲ୍ଲାର ଏହି ବିପଦସଂକୁଳ ପର୍ଯ୍ୟଟନସ୍ଥଳୀରେ ଗତ ୫ ବର୍ଷରେ ୧୦ ଜଣଙ୍କ ଜୀବନ ଯାଇଛି।

# ମାଓବାଦୀ ଅସୀମ ମଣ୍ଡଳଙ୍କ ଆତ୍ମସମର୍ପଣ



ବିଶ୍ରା,୧୮/୯(ନି/ପ୍ର): ଝାଡ଼ଖଣ୍ଡରେ ମାଓବାଦୀ ବିରୋଧୀ ଅଭିଯାନ ଜୋରଦାର ହେବା ପରେ ମାଓବାଦୀ ସଂଗଠନକୁ ଆଉ ଏକ ବଡ଼ ଝଟକା ଲାଗିଛି। ଝାଡ଼ଖଣ୍ଡର ଏକମାତ୍ର ଏକ କୋଟି ଟଙ୍କାର ପୁରସ୍କାର ଘୋଷିତ ମାଓବାଦୀ ଅସୀମ ମଣ୍ଡଳ ଓରଫ ଆକାଶ, ତିମିର, ମନୋଜ, ଦୀପକ ଓ ରାକେଶ ଆଜି ସକାଳେ କୋଲକାତା ଝଞ୍ଜର ସମ୍ମୁଖରେ ଆତ୍ମସମର୍ପଣ କରିଛି। ଅସୀମ ମଣ୍ଡଳଙ୍କ ମୁଣ୍ଡ ଉପରେ ଝାଡ଼ଖଣ୍ଡ ସରକାରଙ୍କ ପକ୍ଷରୁ ୧ କୋଟି ଟଙ୍କା ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ୧.୨୦ କୋଟି ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା। ଏହିପରି ଭାବେ ତାଙ୍କ ଉପରେ ମୋଟ ୨.୨୦ କୋଟି ଟଙ୍କାର ପୁରସ୍କାର ଥିଲା। ଅସୀମ ମଣ୍ଡଳ ମୂଳତଃ ପଶ୍ଚିମବଙ୍ଗର ପଶ୍ଚିମ ମେଦିନୀପୁର ଜିଲ୍ଲାର ଚନ୍ଦ୍ରକୋଣା ଥାନା ଅଟଂଳର ଉତର ଫୁଲଚୁକ ଗ୍ରାମର ବାସିନ୍ଦା ଅଟେ। ତାଙ୍କ ବିରୋଧରେ ବିଭିନ୍ନ ଥାନାରେ ମୋଟ ୫୫ଟି ମାମଲା ଥିବା ସୂଚନା ମିଳିଛି। ବିଶେଷକରି ମାଓବାଦୀଙ୍କ ଦୃଷ୍ଟିରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବା ସାରଣ୍ଡା ଅଟଂଳରେ ସେ ଦୀର୍ଘ ସମୟ ଧରି ସକ୍ରିୟ ଥିଲା। ଝାଡ଼ଖଣ୍ଡରେ କେନ୍ଦ୍ରୀୟ ସୁରକ୍ଷା ବଳ ଓ ଝାଡ଼ଖଣ୍ଡ ପୁଲିସ ପକ୍ଷରୁ ଲଗାତାର ମାଓବାଦୀ ବିରୋଧୀ ଅଭିଯାନ ଚାଲିଥିବାରୁ ସଂଗଠନର ଅନେକ ସଦସ୍ୟ ନିଜ ଜୀବନ ବଚାଂଇବା ପାଇଁ ପଡ଼ୋଶୀ ରାଜ୍ୟଗୁଡ଼ିକୁ ପଳାଇଥିବା କୁହାଯାଉଛି। ଏହି ପରିସ୍ଥିତି ମଧ୍ୟରେ ଅସୀମ ମଣ୍ଡଳଙ୍କ ଆତ୍ମସମର୍ପଣକୁ ସୁରକ୍ଷା ବଳ ପାଇଁ ଏକ ବଡ଼ ସଫଳତା ଭାବେ ଦେଖାଯାଉଛି। ଏହା ପୂର୍ବରୁ ପଶ୍ଚିମବଙ୍ଗର ବାଙ୍କୁଡ଼ା ଜିଲ୍ଲାରେ ଅସୀମ ମଣ୍ଡଳଙ୍କ ଦସ୍ତାର ତିନିଜଣ କୁଖ୍ୟାତ ମାଓବାଦୀ ମଧ ଆତ୍ମସମର୍ପଣ କରିଥିଲେ। ସେମାନଙ୍କ ମଧ୍ୟରେ ୧୫ ଲକ୍ଷ ଟଙ୍କାର ଇନାମୀ ରିଜିଓନାଲ କମିଟି ସଦସ୍ୟ ରାମପ୍ରସାଦ ମାର୍ଡି, ତାଙ୍କ ପତ୍ନୀ ତଥା ଜୋନାଲ କମାଣ୍ଡର ଓ ୧୦ ଲକ୍ଷ ଟଙ୍କାର ଇନାମୀ ମୀତା ଓରଫ ନୟନତାରା ଏବଂ ଅନ୍ୟ ଜଣେ ସଦସ୍ୟ ଗୌରୀ ସାମିଲ ଥିଲେ। ଅସୀମ ମଣ୍ଡଳଙ୍କ ଆତ୍ମସମର୍ପଣ ସହ ଝାଡ଼ଖଣ୍ଡ ଓ ପଡ଼ୋଶୀ ଅଟଂଳରେ ମାଓବାଦୀ ସଂଗଠନ ବିରୋଧରେ ଚାଲିଥିବା ଅଭିଯାନକୁ ଆଉ ଏକ ବଡ଼ ସଫଳତା ମିଳିଥିବା ଚର୍ଚ୍ଚା ହେଉଛି।

## ଲିଡ୍ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କ ସମୁହର ବୈଠକ

କେନ୍ଦ୍ରାପଡ଼ା, ୧୮/୯(ନି/ପ୍ର) :କେନ୍ଦ୍ରାପଡ଼ା ଜିଲ୍ଲାରେ କାର୍ଯ୍ୟ କରୁଥିବା ବ୍ୟାଙ୍କ ସମୁହଙ୍କ ଜିଲ୍ଲାସ୍ତରୀୟ ବୈଠକ ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଲିଡ୍ ବ୍ୟାଙ୍କ ପକ୍ଷରୁ ଆୟୋଜିତ ଏହି ବୈଠକରେ ଜିଲ୍ଲାପାଳ ରଘୁରାମ୍.ଆର୍. ଆୟାର୍ ଅଧ୍ୟକ୍ଷତା କରିଥିଲେ। ଲିଡ୍ ବ୍ୟାଙ୍କ ଅଧିକାରୀ(ଏଲ୍ଡିଏମ୍) ରମାକାନ୍ତ ମାଝିଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ବ୍ୟାଙ୍କମାନଙ୍କର ଋଣ ପ୍ରଦାନ ଓ ଆଦାୟ ଉପରେ ସମୀକ୍ଷା କରାଯାଇଥିଲା। ବୈଠକରେ ଲାଇନ୍ ଡିପାର୍ଟମେଂଟମାନେ ବ୍ୟାଙ୍କକୁ ଦେଉଥିବା ଲକ୍ଷକୁ ପୂରଣ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ଯଥା କୃଷିଋଣ, ବାଣିଜ୍ୟଋଣ, କ୍ଷୁଦ୍ର ବ୍ୟବସାୟୀ ଋଣ, ସ୍ୱୟଂ ସହାୟିକା ଗୋଷ୍ଠୀ ଋଣ, କେସିସି ଋଣ ସହିତ ମୁଖ୍ୟମନ୍ତ୍ରୀ, ଉଦ୍ୟାନ କୃଷି ଯୋଜନା ଋଣ ଯୋଜନା ସମ୍ପର୍କରେ ବିସ୍ତାର ଭାବେ ଆଲୋଚନା କରାଯାଇଥିଲା। ବ୍ୟାଙ୍କ ସମୁହ କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ଋଣ ପ୍ରଦାନ କରି ସେମାନଙ୍କୁ ଆତ୍ମ ନିର୍ଭରଶୀଳ କରାଇବା ସହ ସରକାରଙ୍କ ଲକ୍ଷ ପୂରଣରେ ସହାୟତା କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହିତ ବ୍ୟାଙ୍କରୁ ଋଣ ନେଇ ଆତ୍ମନିର୍ଭରଶୀଳ ହୋଇଥିବା ଏବଂ ଠିକ୍ ସମୟରେ ଋଣ ପୈଠ କରୁଥିବା ବ୍ୟବସାୟୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଆୟୋଜିତ ଏହି ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଜାୟର ମହାନ୍ତି, ଏଲ୍ଡିଓ ଆର୍ଡିଆଇର ଏଲ୍ଡିଓ ଅବିନାଶ ରାଉଳ,

## ସେବା ସଂକଳ୍ପ ଅଭିଯାନ ଉପଲକ୍ଷେ ଗଡ ଖୋର୍ଦ୍ଧା ରାଧା କୃଷ୍ଣ ମନ୍ଦିର ପରିସରରେ ଆଶୀର୍ବାଦର ଦୀପ କାର୍ଯ୍ୟକ୍ରମ

ଖୋର୍ଦ୍ଧା,୧୮/୯(ନି/ପ୍ର): ସେବା ସଂକଳ୍ପ ଅଭିଯାନ ଉପଲକ୍ଷେ ସଦର ମହକୁମା ଗଡଖୋର୍ଦ୍ଧା ରାଧାକୃଷ୍ଣ ମନ୍ଦିର ପରିସରରେ ଶକ୍ତି ଧାରା ଓ ଜିଲ୍ଲା ମିଶନ ଶକ୍ତି ମହାସଂଘ ଏବଂ ରାମ ରହିମ ମିଶନ ଶକ୍ତି ମହାସଂଘ ଆନୁକୂଲ୍ୟରେ ଏକମାସ ବ୍ୟାପି ଅନୁଷ୍ଠିତ ହେବାକୁ ଯାଉଥିବା ସେବା ସଂକଳ୍ପ ଅଭିଯାନ ୨୦୨୬ ଉପଲକ୍ଷେ ଆଜି ପ୍ରଥମ ଦିବସରେ ଆଶୀର୍ବାଦ ର ଦୀପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲା ମିଶନ ଶକ୍ତି ମହାସଂଘ ସଭାପତି ପଦ୍ମିନୀ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ଆଶୀର୍ବାଦର ଦୀପ ଦାନ କରି ଜିଲ୍ଲାବାସୀ ଓ ସମଗ୍ର ଦେଶବାସୀଙ୍କ ମଙ୍ଗଳ କାମନା କରିଥିଲେ। ସେ କହିଥିଲେ ଆଜି ଆଶୀର୍ବାଦର ଦୀପ ସିଖାରେ ସମସ୍ତଙ୍କ ମନରେ ଥିବା ଈର୍ଷା, ଗର୍ବ, ଅହଙ୍କାର ସହ ସମସ୍ତ ଅହଂଭାବ ଏବଂ ବିଯୁକ୍ତାତ୍ମକ ଭାବନା ଦୂର ହୋଇ ସମସ୍ତେ ଭଲ ମଣିଷ ହୋଇ ଜିଲ୍ଲା, ରାଜ୍ୟ ଓ ରାଷ୍ଟ୍ରର ନାମ ଟେକ ରଖନ୍ତୁ। ସମ୍ମାନିତ ଅତିଥି ଭାବେ ଅବକାରୀ ଅଧିକ୍ଷକ, ସୁମତି ତ୍ରିପାଠୀ ଯୋଗଦେଇ ସମସ୍ତଙ୍କ ଜୀବନରୁ ଅନ୍ଧକାର ଦୂର ହୋଇ ଆଲୋକିତ ହେଉ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ବ୍ଲକ୍ ଉନ୍ନୟନ ଅଧିକାରୀ, ସିଦ୍ଧାର୍ଥ ପଟ୍ଟନାୟକ, ନିର୍ବାହୀ ଅଧିକାରୀ ପୌର ପରିଷଦ, କାବେରୀ ମୁଦୁଲି, ଡିପିସି, ମିଶନ ଶକ୍ତି, ପ୍ରେମଶ୍ରୀ ନାୟକ ଯୋଗ ଦେଇ ସେବା ସଂକଳ୍ପ ଅଭିଯାନ ଆଶୀର୍ବାଦ ର ଦୀପ କାର୍ଯ୍ୟକ୍ରମ ସମ୍ବନ୍ଧରେ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଜିଲ୍ଲା ମିଶନ ଶକ୍ତି ମହାସଂଘ ସାଧାରଣ ସମ୍ପାଦକ ଅଞ୍ଜୁମାନ ଆରା ଧନ୍ୟବାଦ ପ୍ରଦାନ କରିଥିଲେ। ମନ୍ଦିର ପ୍ରାଙ୍ଗଣରେ ସହସ୍ରାଧିକ ମହିଳା ଆଶୀର୍ବାଦର ଦୀପ ଦାନ କରିଥିଲେ। ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କୁ ଉତରୀୟ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଶ୍ରୀ ବେଉରା ରାଧା କୃଷ୍ଣ ଙ୍କୁ ଦର୍ଶନ କରିବା ସହ ନିକଟରେ ଥିବା ଜଗନ୍ନାଥ ମନ୍ଦିରକୁ ଯାଇ ବିଗ୍ରହମାନଙ୍କୁ ଦର୍ଶନ କରିଥିଲେ କ୍ଷ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, କାର୍ଯ୍ୟକ୍ରମ ପରିଚାଳିକା ସୌଦାମିନୀ ଦାଶଙ୍କ ସମେତ ସଂପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ଯୋଗ ଦେଇଥିଲେ।

## ଭୁବନରେ ବିଶ୍ୱକର୍ମା ପୂଜା

ଭୁବନ,୧୮/୯(ନି/ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ସହରରେ ସୃଷ୍ଟିର ସ୍ରଷ୍ଟା, ଦେବଶିଳ୍ପୀ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ମହା ସମାରୋହରେ ଅନୁଷ୍ଠିତ ହେଉଛି।ଜନସ୍ୱାସ୍ଥ୍ୟ ଅନୁଖଣ୍ଡ କାର୍ଯ୍ୟାଳୟ, ଟିପିସି ଓ ଡିଏଲ୍ କାର୍ଯ୍ୟାଳୟ, ଘରୋଇ ଗାଡ଼ିଚାଳକ ଜନ ମଙ୍ଗଳ ସଂଘ ଓ ବସ୍ ମାଲିକ ସଂଘ ସମେତ ଆଇଟିଆଇ କଲେଜ, ବିଭିନ୍ନ ପେଟ୍ରୋଲ ପମ୍ପ ଏବଂ ବିଭିନ୍ନଗ୍ୟାରେଜମାନଙ୍କରେ ଶ୍ରଦ୍ଧା ଭକ୍ତିର ସହକାରେ ପୂଜା ପାଳନ କରାଯାଉଛି।

## ଧାର୍ମିକ ଶ୍ରଦ୍ଧା ଓ ଉତ୍ସାହର ସହ ପାଳିତ ହେଲା ସେଲ୍, ରାଉରକେଲା ଇସ୍ପାତ କାରଖାନାରେ ବିଶ୍ୱକର୍ମା ପୂଜା




ରାଉରକେଲା,୧୮/୯(ନି/ପ୍ର): ହିନ୍ଦୁ ପୁରାଣର ଦିବ୍ୟ ସ୍ଥପତି ତଥା ନିର୍ମାଣ କଳାର ଦେବତା ଭଗବାନ ବିଶ୍ୱକର୍ମାଙ୍କୁ ଆରାଧନା କରି ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର କର୍ମଚାରୀମାନେ ସେପଟ୍ମେର ୧୭ ତାରିଖ ରେ ଧାର୍ମିକ ଶ୍ରଦ୍ଧା, ଉତ୍ସାହ ଓ ଆନନ୍ଦର ସହ ବିଶ୍ୱକର୍ମା ପୂଜା ପାଳନ କରିଛନ୍ତି। ସୃଜନଶୀଳତା, ଉଦ୍ଭାବନୀ କୌଶଳ ଓ ଶିଳ୍ପର ପ୍ରତୀକ ଭାବେ ପୂଜିତ ଭଗବାନ ବିଶ୍ୱକର୍ମାଙ୍କ ପୂଜା ଏକ ପ୍ରଯୁକ୍ତିକେନ୍ଦ୍ରିକ ଇସ୍ପାତ କାରଖାନା ଭାବେ ଆରଏସପି ପାଇଁ ବିଶେଷ ମହତ୍ତ୍ୱ ବହନ କରେ। କାରଖାନା ପରିସରରେ ଆରଏସପି କର୍ମଚାରୀମାନଙ୍କ ପକ୍ଷରୁ ୧୦୦ରୁ ଅଧିକ ସୁନ୍ଦର ଭାବେ ସଜ୍ଜିତ ପୂଜା ମଣ୍ଡପ ନିର୍ମାଣ କରାଯାଇଥିଲା। ମଣ୍ଡପଗୁଡ଼ିକରେ ଶିଳ୍ପକୌଶଳରେ ନିର୍ମିତ ଭଗବାନ ବିଶ୍ୱକର୍ମାଙ୍କ ମନୋରମ ପ୍ରତିମା ସ୍ଥାପନ କରାଯାଇଥିଲା। ଏହି ପୂଜା ମଣ୍ଡପଗୁଡ଼ିକ କର୍ମଚାରୀ ଓ ଭକ୍ତମାନଙ୍କର ବିଶେଷ ଆକର୍ଷଣର କେନ୍ଦ୍ର ପାଲଟିଥିଲା। ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମାଙ୍କ ସହ ,ଇଡି (ମାଇନ୍ସ ଡେଭଲପମେଂଟ-ସିଏମଏଲଓ), ଶ୍ରୀ ବି. କେ. ଗିରି, ଇଡି (ୱର୍କ୍ସ), ଶ୍ରୀ ବିଶ୍ୱରଞ୍ଜନ ପଲାଇ, ଇଡି (ଏମଏମ), ଶ୍ରୀ ଅନିଲ କୁମାର, ଇଡି (ମାଇନ୍ସ, ଓଜିଓଏମ-ସିଏମଏଲଓ), ଶ୍ରୀ ଏମ. ପି. ସିଂହ, ଇଡି (ପ୍ରୋଜେକ୍ଟସ୍), ଶ୍ରୀ ସୁଦୀପ ପାଲ ଚୌଧୁରୀ, ସିଜିଏମ୍ (ଏଚଆର) ତଥା ଇଡି (ଏଚଆର)ଙ୍କ ଅତିରିକ୍ତ ଦାୟିତ୍ୱରେ ଥିବା ଶ୍ରୀ ମନସ ରଞ୍ଜନ ରଥ, ସିଏମଓ ଇନ୍‌ଚାର୍ଜ (ଏମ୍ ଆଣ୍ଡ ଏଚ୍‌ଏସ୍), ଡା. ଜୟନ୍ତ କୁମାର ଆଚାର୍ଯ୍ୟ, ସିଜିଏମ୍ (ଏଫ୍ ଆଣ୍ଡ ଏ) ତଥା ଇଡି (ଏଫ୍ ଆଣ୍ଡ ଏ) ଙ୍କ ଅତିରିକ୍ତ ଦାୟିତ୍ୱରେ ଥିବା ଶ୍ରୀ ରାଜେଶ ଦାସଗୁପ୍ତ,ଙ୍କ ସମେତ କାରଖାନାର ଅନେକ ବରିଷ୍ଠ ଅଧିକାରୀ ବିଭିନ୍ନ ପୂଜା ମଣ୍ଡପ ପରିଦର୍ଶନ କରି ଭଗବାନ ବିଶ୍ୱକର୍ମାଙ୍କ ଦର୍ଶନ କରିଥିଲେ। ସେମାନେ ଷ୍ଟିଲ୍‌ପ୍ଲାଂଟ ପରିସର ସହିତ ଟାଉନ୍‌ସିପ୍‌ର ବିଭିନ୍ନ ପୂଜା ମଣ୍ଡପ ମଧ ପରିଦର୍ଶନ କରିଥିଲେ। ପୂଜା ମଣ୍ଡପ ପରିଦର୍ଶନ ପରେ ଭାରପ୍ରାପ୍ତ ନିର୍ଦ୍ଦେଶକ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଆରଏସପିର ହସ୍ତତନ୍ତ କେନ୍ଦ୍ର ଦୀପିକା ହସ୍ତ କରଘା ପରିଦର୍ଶନ କରିଥିଲେ। ଏହି କେନ୍ଦ୍ରଟି ଦୀପିକା ମହିଳା ସଂଘତି ପକ୍ଷରୁ ପରିଚାଳିତ ହେଉଛି। ଦୀପିକା ମହିଳା ସଂଘତିର ସଭାନେତ୍ରୀ ଶ୍ରୀମତୀ ନମ୍ରତା ବର୍ମା ଏବଂ ଅନ୍ୟ ପଦାଧିକାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ହିନ୍ଦୁ ପୁରାଣ ଅନୁସାରେ ଭଗବାନ ବିଶ୍ୱକର୍ମା ଦେବତାମାନଙ୍କର ଅବାସର ଦିବ୍ୟ ସ୍ଥପତି ଭାବେ ପରିଚିତ। ସେ ସୃଜନଶୀଳତା, ଉଦ୍ଭାବନୀ କୌଶଳ ଓ ଶିଳ୍ପର ପ୍ରତୀକ ଭାବେ ପୂଜିତ ହୁଅନ୍ତି। ତେଣୁ ପ୍ରଯୁକ୍ତି ଓ ଶିଳ୍ପକୌଶଳକୁ ଆଧାର କରି କାର୍ଯ୍ୟ କରୁଥିବା ରାଉରକେଲା ଇସ୍ପାତ କାରଖାନାରେ ଏହି ପୂଜାର ବିଶେଷ ମହତ୍ତ୍ୱ ରହିଛି। ଏହି ଅବସର ବିଭିନ୍ନ ବିଭାଗର କର୍ମଚାରୀମାନଙ୍କର ଦଳଗତ କାର୍ଯ୍ୟ, ସୃଜନଶୀଳତା ଓ ଶିଳ୍ପକୌଶଳର ଏକ ଜୀବନ୍ତ ପ୍ରଦର୍ଶନୀରେ ପରିଣତ ହୋଇଥିଲା। ବିଭିନ୍ନ ବିଭାଗର ଦଳଗୁଡ଼ିକ ନିଜସ୍ୱ ସୃଜନଶୀଳ ପ୍ରତିଭାର ସମନ୍ୱୟ କରି ମଣ୍ଡପରେ ଆକର୍ଷଣୀୟ ଥିମ୍, ସୁନ୍ଦର ସାଜସଜ୍ଜା ଓ ମନୋରମ କଳାକୃତି ପ୍ରସ୍ତୁତ କରିଥିଲେ। ଏହାଦ୍ୱାରା ବିଭିନ୍ନ ଶପ୍ ଓ ପ୍ଲାଂଟ ୟୁନିଟ୍‌ଗୁଡ଼ିକ ଉତ୍ସବମୁଖର ପରିବେଶରେ ପରିଣତ ହୋଇଥିଲା। ଏଥିରେ କର୍ମଚାରୀମାନଙ୍କର ବୈଷୟିକ ଦକ୍ଷତା ସହିତ ସହଯୋଗ, ସମନ୍ୱୟ ଓ ଦଳଗତ ଭାବନାର ମଧ ସୁନ୍ଦର ପ୍ରତିଫଳନ ଦେଖିବାକୁ ମିଳିଥିଲା।